Split by PDF Splitter


ଛଡ଼ାଏ ବିପତ୍ତି ସ୍ୱାମୀଭକ୍ତି ପ୍ରୀତି ଆତୁର ଅପତ୍ୟ ସ୍ନେହ
ପେଟର ବେଦନା ସହୁତ ହୁଏନା ପାପକୁ ଦେଲେ ସେ ଦେହ । ସେ ଚେଷ୍ଟା
କଲେ ଡକାଇତି ଘରପୋଡ଼ି
ଏକା ଜଙ୍ଗଲ ଯିବାକୁ ଲୋଡ଼ି, ଜାଲ କଟାନ୍ତି ସେଠାରେ ପଡ଼ି । ୪ ।
ଲୋକଙ୍କ କାତର, ଦେଖିସରକାର ସାହାଯ୍ୟ କମେଟୀ କଲା ।
କରୁଣ ଆଦର, ଧନୀ ଜମିଦାର । ସଭାକରି ବସାଇଲା । ସେ ବୋଲେ
କିଛୁ କିଛୁ ସବ ଲୋକେ ଦେଲେ
ଲୋକେ ତରିବେ ଏଥିରୁ କେବେ, ନାଶ ହେଉଛନ୍ତି ସେ ବିକଳେ । ୫ ।
ହେଲା ଏହି ମତେ ଅନୁଛନ୍ଦି କେତେ ମଫସଲ ସହରରେ
ଘମିଲେ କଙ୍ଗାଳି ନ ହୁଏ ସମ୍ଭାଳି ଯେତେ ଯେତେ ଉପାୟରେ ସେ ଦ୍ୱାସ୍ଥ
ନ ଶୁଣଇ କାହାର ଗୁହାରି
କରେ ଆପଣା ହୁକୁମ ଜାରି, ପେଟ ନାମେ ପିଠଂପାଏ ପୁରି । ୬ ।
ଆତୁର ହୁନରେ କଲା ସରକାର କଲିକତାକୁ ଲେଖିଲ
ମୁଦ ଦଣ୍ଡେ ଦାର ପ୍ରଜାଜମିଦାର ମେଳ ଭାଙ୍ଗିବା ବୋଇଲା ସେ ଏବେ ।
ଦେଖି କେମନ୍ତେ ଧାନ ନ ଦେବେ
କେତେକାଳ ମହାର୍ଘ ରଖିବେ, ବଳେ ଯାଚଣି ସସ୍ତା କରିବେ । ୭ ।
ବୋର୍ଡ ଖବର ପାଇଣ ତତ୍ପର ଚଳାଇ ହୁକୁମ ମାନ
ଯାହାଙ୍କ ସତ୍ୱର ଧାନ ବଡଘର ଠାକୁ କରାଇ ଚଲାଣ । ସେ ଧନ୍ୟ
କେତେ ଗଲେଣି ପୁଲିସ ସୈନ୍ୟ ।
ଦେଖ ନ କହେ ଯେମନ୍ତ ଅନ୍ୟ, ନେବ ଏକା ଦୁଃଖୀରେ ସେ ଗଣ୍ୟ । ୮ ।
କହେ କଲେକ୍ଟର ଶୁଣ ହେ ନାୟବ ଦଣ୍ଡେହେଁ ନକର ଡେରି
ଯାଅ ବଡଘର ଗୋହାଲ ଉତାର ପଠାଅ ଶଗଡ଼ ଭରି ହେ ଜାଣ
କିଛୁ ହେବ ଯେବେ ନୋକସାନ
ହେବ ତୁମ୍ଭେ ବଡ଼ ହଇରାଣ, ଧର କହୁଛୁ ତୁମ୍ଭର କାନ । ୯ ।
ଗୋବିନ୍ଦ ଆଗରେ ତା ପଛେ ନାୟବ ତା ପଛେ ସାହେବ କେତେ
କେବା ବଡଘର କେ ଯମ୍ବୁଦ୍ୱୀପର ଯାଆନ୍ତି ଅତି ତ୍ୱରିତେ ସେ ମାଲ
ଉତାରିବାର ଦେଖି ଗହଳ
ବଡଘରେ ଆସି ହୁଏ ଠୁଳ, ତାଲ ଦଣ୍ଡାରେ ନ ମିଳେ ସ୍ଥଳ । ୧୦ ।
ବେଢନ ପରୁଆନା ପିଆଦା ରଉଆନା ଜମିଦାରଙ୍କ ପାଖକୁ
ନ ଦେଲେ ତ ଗାଡ଼ି ଦେବନାହିଁ ଛାଡ଼ି ହୁକୁମ ଅଛି ଆମ୍ଭଙ୍କୁ ସେ ଆଉ
କଥା ଆମ୍ଭେ ତ ଶୁଣିବୁଁ ନାହୁଁ ।
ସିଧା ଦିଅ ଆଗେ ପ୍ରାଣ ରଖୁ, ପଛେ ଆଣିବା ଶଗଡ଼ କାହୁଁ । ୧୧ ।

Digitized by srujanika@gmail.com

Split by PDF Splitter



ଓ କେତେ ଧନଅନ୍ତେ ଗାଡ଼ି ଘୋଡ଼ା କେତେ ଘେନିଣ ଚାଉଳ ଆସେ
ଶୁଣି କଲେକ୍ଟର ଆଉ କମିସ୍ନର କହନ୍ତି ଅଛି ସାହାସେ । ସେ କାଳି
ଗସ୍ତା ବିକିବା ସକାଳ ଓଳି
ଏକା କିଣିବେ ଦୁଃଖୀ କଙ୍ଗାଳ, ମାଗୁଥିବେ ତ ମୁଦିବାକାଳି । ୧୨ ।
ବାଲୁ ବଜାରରେ ଥାନା ନିକଟରେ ପୁଲିସ କଚେରି ପାଖେ
ଚାଡ଼ା ବନ୍ଦହେଲ ପଦ୍ମଗଙ୍ଗାପିଲ ମୋହରର ମୋଦି ରହି ସେ ଭଲ
କଣ୍ଟ୍ରାକ ମାନ ସେଠି ହେଲା ।
ସେସ୍ତାଦାର ଚାଉଳ ବିକିଲା, ବଡ଼ ଧୁମରେ ଚଲେ ମାମଲା । ୧୩ ।
ଫିଟିଲା ଗୋଦାମ, ବଡ଼ ଧୂମ ଧାମ, ଯମା ହେଲେ ସବୁ ଲୋକ
କେବୋଲେ ମୁଁ ପିବି ଆଗ କରି ନେବି ହୋଇଛି ମୋତେଡ ଭୋକ ସେ ମିଳି
କରୁଥାନ୍ତି ସବେ ଠେଲା ଠେଲି ।
କନେଷ୍ଟବଲ ଦିଅନ୍ତି ଗାଳି, କେକାହାକୁ ଦିଅନ୍ତି ମାଡ଼ ଦଳି । ୧୪ ।
ହେଲ ସେତେମାତ୍ର ଖଙ୍ଗାଳିତ ହାଡ଼ ଆଉ ନେବାର ଚାଉଳ
ଦୁଃଖୀ ଲୋକ ଡରେ ନଗରୁ ସେଠାରେ କହନ୍ତି ସୁଦକୁ ବୋଲି ହେ ଗୁଁଇ
ଆଜି ପ୍ରାଣେରଖ ଆମ୍ଭ ଗୁହ୍ରି
ମାତ୍ର ପାରିବା କାହିଁ ତ ସଞ୍ଚ । ଭୁଗୁ ଚାଉଳ ସେରକ ପାଞ୍ଚ । ୧୫ ।
ଦୟାସାଗର ହୋଇ ସରକାର ଯାହାକ ପଛେ ଜାହାଜ
ଚାଉଳ ପଠାନ୍ତି ଟଙ୍କା ନ ମାଗନ୍ତି ଗୋଟି ଗୋଟି କରିସାର ହେ ଏବେ
ଦିଅ ଚାଉଳ ସେ ଯେତେନେବେ ।
ବଜାରରେ ସସ୍ତା ହେବତେବେ, ଲୋକେ ଆନନ୍ଦ ହୋଇ ଖାଇବେ । ୧୬ ।
ନଦୀ ପଥଦେଇ ଚାଉଳ ଆସଇ ବାଟରେ ନାଉରି ସେତେ
ଚୋରି କରି କଣା ନଅନ୍ତି ତା ଜାଣି ନ ପାଏ ରହେ ଚୁପଚେ ସେ ଯାଉ
ଯାର ଯେମନ୍ତ ବୁଝି ସେ ଖାଉ
ହେମାବରେ ଗୋଲ କିଛି ନୋହୁଁ
କେବା ବୁଝିବାକୁ ଅଛୁ ଆଉ । ୧୭ ।
ଚାଉଳ ଚୁକର ହେଲେ କଲେକ୍ଟର ରହନ୍ତି ସବୁ ହେ ସାବ ।
ବିବୃର ବିବୃର ଡଙ୍ଗାଗଡ଼ କରି ପଠାନ୍ତି ସେ କେତେ ଠାବ ସେ ପାର
ହେଲ ଏକା ଚାଉଳ ବେପାର
ମୁଦଖାନା ହେଲ ଦରବାର, ବନ୍ଦ ହେଲ ଆଉକାରବାର । ୧୮ ।
ବେଳକୁ ବେଳ ହୁଏ ଭାଉ ବଦଳି, କେହି ନ ବୁଝେ ସେ କଥା
ମୁଦିସରକାର ଦୁହେଁ ବରାବର ହେଲ ଆଡ଼ମ୍ବର ବୃଥା ସେ ଦୁଃଖି ।

Digitized by srujanika@gmail.com

Split by PDF Splitter



ଜଣେ କେହିତ ନ ଜଳେ ସୁଖି
ଅନ୍ନବିନା ପେଟଗଲା ସୁଖି, ଆଉ ପିଠିରେ ଖାଇଲେ ମୁଖୀ । ୯ ।
ପଠାନ୍ତି ବୋରଟଆରେ କର କୁଟି ତା ପଛରେ ମେଜନାଲ
ଆସି ସେ ସମସ୍ତ ହେଉଛନ୍ତି ବ୍ୟସ୍ତ ନ କଲେ କିଛୁ ପଡ଼ିଲ ସେ ବଳେ
ମୁହଁ ଦଣ୍ଡି ଦାର ସଙ୍ଗୀ ହୋଇଲା ।
ଦାନୁ ଦାନୁ ଯେତେ କଷ୍ଟ ଦେଲେ, ଦଳ କଙ୍ଗାଳଙ୍କ ବଢ଼ାଇଲେ । ୧୦ ।

କଲେକ୍ଟ ସାହେବ କ୍ରମେଟୀ ନାଏବ କଙ୍ଗାଳ ଦୁଃଖ ବୁଝନ୍ତି
କରି ମୁନରର କେତେ ମୋହରର ଯାହାକୁ ଦେଖନ୍ତି ପଠାନ୍ତି ସେ ଯାଇ
ଆପେ ଦୁଇ ହଂସା ଗଲେ ଖାଇ ।
କଙ୍ଗାଳଙ୍କୁ ମାଇଲେ ଗୋଡାଇ, ତାହା ବୁଝିବାକୁ କେହି ନାହିଁ ।
କେହି ଅକସ୍ମାତେ ପଡ଼ିଗଲେ ହା ତେ ପାଏ ନିଷ୍ଠୁର ପ୍ରହାର
ଜ୍ୱଳର ଜଠର, ମାଡ଼କୁ କଡ଼ର ପୁନଃ କରଇ ଆହାର ଯେମନ
ଯେତେ କହ ନାହିଁ କରେ ଦେମା
କଲେ ସାହେବଙ୍କ ବୁଦ୍ଧି ବଣା, ଫଉଜ ଦାସଙ୍କୁ ଦୁଅନ୍ତି ଟଣା । ୧୧ ।
ପିଟନ୍ତି କଲେକ୍ଟ ନାହିଁତ ଆକଟ ପାନ୍ତି ଯାକୁ ଯେଉଁଠାରେ
କିଛି ହେଲେ ଜଣାନାହିଁ ବୁଝାମଣି ଦଅନ୍ତି ଆଗେ ପାହାରେ ସେ ଭଲ
ହେଲା ଫଉଜ ଦାସ ମାମଲା
ସାହେବଙ୍କୁ ବଡ଼ କଷ୍ଟ ହେଲା
ରଜି କଟନ୍ତି ହୋଇ ମୂଦାଲ । ୧୩ ।
ହେଲା ଏହିମତେ କଥା ଯେତେ ଯେତେ ଜନ୍ମପାରେ କାହା ସାଧ
ବଣ୍ଟନ ବେପାର ଶସ୍ତା କାରବାର ହେଲାରୁ ନ ମିଳେ ଖାଦ୍ୟ । ସେ ଭୁଖ
ଭଲ କରିବାକୁ ଲୋକ ଲଗି
ଏବେ ଦଇବ ହାତେ ଟେକିଗ୍ରା ଆଉସବୁ କଥା ଯାକ କଣ୍ଠ । ୧୪ ।

କ୍ଷୁଧାରୁ ଉଦ୍ଧାର ହେବାକୁ ଆହାର ନ ପାଇ ଜଗତ ଜନ
ଚାତକ ପକ୍ଷୀର ପରିଏ ଅନ୍ତର ମେଘକୁ କଲେ ଧିଆନ ସେ ପୁଣି
ମେଘ ନନ୍ଦସ୍ୱାମନରେ ଗୁଣି
ମଲା ବିଆଳ ନ ପାଇ ପାଣି, ହଂସା ଉଡ଼ିଯାଏ ତାହା ଶୁଣି । ୧୫ ।
କେତେ ଦାନ ଅନ୍ନେ ଦୁଃଖୀଙ୍କ ଜମନ୍ତେ ଦସ୍ତା ବନ୍ଧୁ ସୁରପତ
ଛାଡ଼ି ଘନରଢ଼ି ଆର ମ୍ଭିଲେ ଝଡ଼ି କରନ୍ତି ବରଷା ଅତ ସେ ଭଲ
ସତେ ମେଘ ଙ୍କ କଣା ହୋଇଲା
ନଦୀ ପୋଖରୀ କୂଳ ବୁଡ଼ିଲା, ଆଉ ହୁତ ବିପରୀତ ହେଲା । ୧୬ ।

Digitized by srujanika@gmail.com

Split by PDF Splitter



ଭୁଞ୍ଜିଲା ବିଆଳି କେପାରେ ସମ୍ଭାଳି ଭାଙ୍ଗିଲା ଅନେକ ବନ୍ଧ
ଦୁଇ ସପ୍ତ ଦିନ ପାଣିରେ ରନ୍ଧଣ ଗନ୍ଧ ପଟ ଗୁଡ଼େ ଗନ୍ଧ ସେ ତାହା
ଦେଖି ମନୁଷ୍ୟ ଗ୍ରୁଡ଼ନ୍ତି ଆହା
ହେବ ଏଥର କେ ଅବାଯାହା, ଯଣଗଲା ଥିଲା ଶେଷଯାହା । ୧୭ ।
ଢଇବ ଭିଆଣ କେ କରିବ ଆନ ଅଛଇ କାହା ଶକତ
କଳାଣି ଏମାନ କଲେ ଭଗବାନ କେଳାଣିମ ତାଙ୍କ ମତ ସେ ଜୀବ
ଏକା ସମ୍ଭବ ଯାହା ଘଟିବ ।
ଆଉ କହ କି କରି ପାରିବ, ତାଙ୍କ ଇଚ୍ଛା କେମନ୍ତ ଜାଣିବ । ୧୮ ।
ସଂସାର କୁହୁଙ୍କି ଲୋକ ଜନ୍ମ ବୃଦ୍ଧି ମରନ୍ତି ଭୁଗୁକୁ ତଦ୍ଧି
ଉଧାର କରତା ଏକା ସେ ବିଧାତା ଦ୍ୱିତୀୟ ନାହିଁତ କେହୁ ସେ ଚନ୍ତ୍ର ।
ତାଙ୍କୁ ହୋଇଣ ସବେ ଜଷ୍ଟିନ୍ତ
ବେଗେ ଦୁଃଖର ହୋଇବ ଅନ୍ତ, ଏଥି ସନ୍ଦେହ ନାହିଁ କିଞ୍ଚିତ । ୧୯ ।
କର୍ମକୁ ଆଦର ରହୁଛ ଯେପରି ରହ ଆଉ ଦିନା କେତେ
ସମ୍ପଦ ବିପଦ ମନୁଷ୍ୟ ଆୟୁର ଜାଣନ୍ତୁହେ କଦାଚିତେ ସେ ରହ
ଆଉ ଦିନମାତ୍ର ଦୁଃଖ ସହ ।
ଜଗନ୍ନାଥ ହେବେ କୃପାବନ୍ତ, ତାଙ୍କ କୀର୍ତ୍ତିମୁଖରେ କହ । ୨୦ ।

---

ସହର କଟକ ଆଲମଚାନ୍ଦବଜାର କଟକ ପ୍ରିଣ୍ଟିଂ କମ୍ପାନିର ପଥର ଛାପାରେ
ମୁଦ୍ରିତ ହୋଇ ପତ୍ରିକାର ଅଧିକାରୀଙ୍କ ପ୍ରକାଶେ ପ୍ରଚାର କରାଗଲା ।

Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା

ଭାଗ ଶନିବାର ତା ୬ ରିଖ ମାହେ ଅକ୍ଟୁବର ସନ ୧୮୬୬ ମସିହା
ମୁତାବକ ଦ୨୨ନ ଆଶ୍ୱିନ ସନ ୧୨୭୪ ସାଲ ଦଶମ ସଂଖ୍ୟା


## କଟକରେ ସେଶନ ଅଦାଲତ

ଓଡ଼ିଶାର ବର୍ତ୍ତମାନ ଦୁର୍ଘଟଣା ହେତୁରୁ ପ୍ରଜାମାନଙ୍କର ଯେ ରୂପ କଷ୍ଟ ହୋଇ ଅଛି ହାକିମମାନଙ୍କର ସେଥିରେ ଊଣା ନୁହଇ । ଦୁର୍ଭିକ୍ଷ ପୀଡ଼ିତ ବ୍ୟକ୍ତିଙ୍କ ସାହାଯ୍ୟ ଅଥବା ଦୁଷ୍ଟ ବ୍ୟକ୍ତିଙ୍କ ଦମନ ସକାଶେ ମଫସଲର ରେବନ୍ୟୁ ଫଉଜଦାରୀ ଓଗେର ସମସ୍ତ କାର୍ଯ୍ୟାଳୟରେ କର୍ମର ବିସ୍ତର ବୃଦ୍ଧି ହୋଇଅଛି । କିହାଲରେ ଆଜିକାଲି ପ୍ରାୟ ଜୀ୧୫୦୦ଣ କଇଦୀ ଅଛନ୍ତି । ଓ ହାଜତରେ ପ୍ରାୟ ଜଣ୩୦୦।୪୦୦ ଶରୁ କମ ନାହାନ୍ତି । ମକଦ୍ଦମା ଅଧିକାଂଶରେ ଚୋରି ଓ ଡକାଇତି ଓ ଅପହୃତ ପଦାର୍ଥ ପ୍ରାୟ ଶସ୍ୟ । ଏକ ଏକ ମକଦ୍ଦମାରେ ଆସାମୀ ଓ ଗୁହାମିଶି ପ୍ରାୟ ଦୁଇଶତ ଜଣ କିମ୍ବା ତତୋଧିକ ହୋଇଥାଆନ୍ତି । ଏଥିରୁ ବିଦେଶୀୟ ପାଠକମାନେ ଏ ରୂପ ବୋଧ କରିବେ ନାହିଁ ଯେ ଏଦେଶରେ ଅନେକ ବଦମାସ ଲୋକ ଅଛନ୍ତି । ପ୍ରକୃତରେ ତାହା ନୁହଇ ଓ ଯେ ସମସ୍ତ ମକଦ୍ଦମାମାନ ଦଣ୍ଡବିଧି ଆଇନର ତାରତମ୍ୟାନୁଶାରେ ଡକାଇତିରେ ଗଣ୍ୟ ହୁଅଇ ସେ ସମସ୍ତକୁ ସ ମାନ୍ୟ ଅପରାଧ କହିଲେ କୁହାଯାଇ ପାରେ କାରଣ କି ଶସ୍ୟର ଅପ୍ରାପ୍ତି ହେତୁରୁ ଲୋକମାନେ ଜରୁପାୟ ହୋଇଯାନ୍ତି ଘରେ କିଛି ମାତ୍ର ଧାନ ଥିବାର ସମ୍ଭବ ଜାଣନ୍ତି ସେଠାରେ ଗ୍ରାମର ସମସ୍ତ ଲୋକମେଳି କରି ପ୍ରବେଶ କରଣାନ୍ତର ଶସ୍ୟ ଲୁଟି କରି କିଛି କେଛି ଅଂଶ ନେଇଯାନ୍ତି । ଅଧିକ ସମୟରେ ଏରୂପ ହୁଅଇ ଯେ ଅନେକ ଲୋକ ଯେତେ ଶସ୍ୟ ଅପହରଣ ଦ୍ୱାରା ଡକାଇତ ବୋଲି ଗଣ୍ୟ ହୁଅନ୍ତି—ସେଥିରେ ଏକ ଏକ ଜଣଙ୍କର ଅଂଶରୁ ପ୍ରାୟ ଦୁଇ ଦିନର ଆହାର ଚଳିବାର କଷ୍ଟ ହୁଅଇ ମାତ୍ର ଆଇନ ଅନୁସାରେ ସମସ୍ତଙ୍କୁ ଛଳିବାକୁ ହେବ ଓ ଆଇନ ଫମେ କର୍ମ କରିବାକୁ ହାକିମ ମାନେ ଯନ୍ତୁପରୋନାସ୍ତି ଯତ୍ନକଲେ ସୁଦ୍ଧା କର୍ମ ଏତେ ଅଧିକ ହେଉଅଛି ଯେ ତାହା ଶେଷ କରିବାର ଉପାୟ ନାହିଁ । କଟକ ଜିଲାର ଅନ୍ୟ ସମୟରେ ଯେ ପରିମାଣରେ

Digitized by srujanika@gmail.com

Split by PDF Splitter



ଫଉଜଦାରୀ ଓ ସପିସ୍ତନ ହାକିମ ଥିଲେ ବର୍ତ୍ତମାନ ଚତୁର୍ଗୁଣରେ କର୍ମ ବୃଦ୍ଧି ହେଲେ ହେଁ ସେମାନଙ୍କ ସଂଖ୍ୟା ସେହିମତ ଅଛି । ଓ ସେଥିରୁ ଏହି ଫଳ ହୋଇ ଅଛି ଯେ ହାକିମମାନେ ମକଦ୍ଦମା ଅନେକ ଦିନ ପକାଇ ରଖିବାରେ ସର୍ବ ସାଧାରଣ-ଙ୍କର ସାତିଶୟ କ୍ଳେଶ ଓ ଦଣ୍ଡ ହେଉଅଛି ।

ଆମ୍ଭେମାନେ ଯାହା ଉପରେ ଲେଖିଲୁଁ ସେସନ ଅଦାଲତରେ ତହିଁର ବିଶେଷ ପରିଚୟ ପ୍ରାପ୍ତ ହେଉଅଛି । ଆମ୍ଭମାନଙ୍କର ଯଜ ଶ୍ରୀଯୁକ୍ତ ଆଲେକ୍‌ଜାଣ୍ଡର ସାହେବ ଯେପ୍ରକାର ପରିଶ୍ରମୀ ଓ ନାନା ପ୍ରକାରରେ ବିଜ୍ଞ ଜଜି ପଦର ଉପଯୁକ୍ତ ତାହା ଅନସ୍ଥ କାହାରିଠାରେ ଅବିଦିତ ନାହିଁ । ମାତ୍ର ତାଙ୍କଠାରେ ଏତେ ଦାଏରା ମକଦ୍ଦମା ଉପସ୍ଥିତ ଅଛି ଯେ ସେ ଫେବୃଆରି ମାସ ପର୍ଯ୍ୟନ୍ତ ତାରିଖ ମୁକରର କରି ଗଲେଣି ତଥାଚ ଶେଷ ହେଉନାହିଁ । ଆମ୍ଭେମାନେ ପୂର୍ବରୁ ଲେଖିଅଛୁଁ ଯେ ଏକ ଏକ ମକଦ୍ଦମାରେ ଆସାମୀ ଓ ଗୁହା ହୋଇ ୧୦୦ ଜଣଙ୍କର ଅଧିକ ଅତଏବ ଏମାନଙ୍କର ଜମାନବନ୍ଦୀ ନେଇ ମକଦ୍ଦମା ଶେଷ କରିବାକୁ ନିତାନ୍ତ ପକ୍ଷରେ ୩/୪ ଦିନ ଆବଶ୍ୟକ । ଏପରି ଆସାମୀମାନଙ୍କୁ ୪/୫ ମାସ ଅନର୍ଥକ ହାଜତ ରଖିବା ଛଡ଼ା ଆହୁରି ଏକ ଅନିଷ୍ଟ ଜାତ ହୁଏଇ । ଗୁହାମାନେ ଏତେକାଳ ଉତ୍ତାରୁ ମଫସଲରେ ପ୍ରାପ୍ତ ହୁଅନ୍ତି ନାହିଁ । ଅନ୍ନାଭାବରେ ଅଥବା ଓଲାଉଠାର ପ୍ରକୋପରେ କେତେ ଲୋକ ମରଣ ଲଭନ୍ତି ଅଥବା ଦେଶାନ୍ତରକୁ ଗମନ କରିଥାନ୍ତି । ସୁତରାଂ ସାକ୍ଷୀ ଅଭାବରେ କେତେ ସ୍ଥଳରେ ବିଚାରର ଉଦ୍ଦେଶ୍ୟ ସାଧନ ହୁଏଇ ନାହିଁ । ଓ ମଧ୍ୟ ଯେଉଁ ଗୁହାମାନେ ପ୍ରାପ୍ତ ହୁଅନ୍ତି ମକଦ୍ଦମାର ଉପସ୍ଥିତ ସମୟ ଅନେକକାଳ ଗତ ହୋଇଥିବାରୁ ସମସ୍ତ ବୃତ୍ତାନ୍ତ ସେମାନଙ୍କର ଉତ୍ତମ ରୂପେ ସ୍ମରଣ ନଥାଏ ଏ ସମସ୍ତ ବିଷୟମାନ ବିବେଚନାରେ ସ୍ଥାନୀୟ ହାକିମମାନେ କଟକ ଜିଲ୍ଲା ସକାଶେ ଜଣେ ଅତିରିକ୍ତ ସେସନଜଜ ପଠାଇବା କାରଣ ଗବର୍ଣ୍ଣମେଣ୍ଟକୁ ଅନୁରୋଧ କରିଥିଲେ । ତଦନୁସାରେ ଶ୍ରୀ ମହାମାନ୍ୟବର ଶ୍ରୀଯୁକ୍ତ ଲେପ୍‌ଟେନାଣ୍ଟ ଗବର୍ଣ୍ଣର ସାହେବ ଶ୍ରୀଯୁକ୍ତ ଆକପ ସାହେବଙ୍କୁ କଟକ ଅର୍ଥାତ ଓଡ଼ିଶା ପ୍ରଦେଶରେ ସେସନଜଜ ସ୍ୱରୂପ ନିଯୁକ୍ତ କରିଅଛନ୍ତି । ପ୍ରଶଂସିତ ସାହେବ ଏଥି ପୂର୍ବ ପ୍ରାୟ ମା ୭ ସ ହେଲା । ବାଲେଶ୍ୱରରେ ସେସନସ୍‌ଜଜ ପଦରେ ନିଯୁକ୍ତ ହୋଇ ସେଠାକାର ଦାଏରା କର୍ମ ନିକାସ କରୁଥିଲେ । ସେ ସତ୍ୱର ଏଠାକୁ ଆସିଲେ ଏଠାକାର କର୍ମ ଅନେକ ନିକାସ କରି ପାରିବେ ଓ ଅବିଳମ୍ବରେ ଦାଏରା ମକଦ୍ଦମା କେତେକ ନିଷ୍ପତ୍ତି ହେବ । ମାତ୍ର ଆମ୍ଭମାନଙ୍କର ଭରସା ଥିଲା, ଯେ ବାଲେଶ୍ୱରରେ ଓ୍ୟାକପ ସାହେବଙ୍କୁ ରଖି କଟକ ସେସନ ଜଜ୍ ସାହେବଙ୍କ ସାହାଯ୍ୟ କରିବା ସକାଶେ ଏକ ସ୍ୱତନ୍ତ୍ର ହାକିମ ନିଯୁକ୍ତ ହୋଇଥାନ୍ତା । ଯାହାହେଉ ଶ୍ରୀଯୁକ୍ତ ଓ୍ୟାକପ ସାହେବ ଶୀଘ୍ର ଏଠାକୁ ଆସି କାର୍ଯ୍ୟାରମ୍ଭ କଲେ ଅନେକ ମଙ୍ଗଳ ହେବ ।

Digitized by srujanika@gmail.com

Split by PDF Splitter


# ଇନକମଟେକସ

ଗତମାସ ତା ୨୪ ଶେ ହିନ୍ଦୁ ପେଟ୍ରୀଅଟ ପତ୍ରିକାରୁ ଅବଗତ ହେଲୁଁ ଯେ ଭାରତ ବର୍ଷୀୟ ଗବର୍ଣ୍ଣମେଣ୍ଟ ପୁନର୍ବାର ଇନ୍‌କମ୍ ଟେକ୍ସ ଜାରି କରିବାର ପ୍ରସ୍ତାବ କରୁଅଛନ୍ତି ଏଥର ଆଇନର ମୁସାବିଦା ଅବିଳମ୍ବରେ ବ୍ୟବସ୍ଥାପକ ସଭାରେ ଆଗତ ହେବ ଓ ଆସନ୍ତା ଜନଓରିମାସ ତା ୧ ରିଖରୁ ତାହା ଜାରି ହେବ । ଆମ୍ଭେମାନେ ପାଠକ ମହାଶୟଙ୍କୁ ଦୁର୍ଭିକ୍ଷ କାଳରେ ଏ ସମ୍ବାଦ ଦେଉଅଛୁଁ ବୋଲି ଯେବେ ସେମାନେ ଆମ୍ଭ ପ୍ରତି ଅପ୍ରସନ୍ନ ହୁଅନ୍ତି ତେବେ ଆମ୍ଭେମାନେ ସେମାନଙ୍କଠାରେ ଏହି ନିବେଦନ କରି କ୍ଷମା ପ୍ରାର୍ଥନା କରୁଅଛୁଁ ଯେ ଏଥିରେ ଆମ୍ଭମାନଙ୍କର ଅପରାଧ ନାହିଁ କାରଣ ଆମ୍ଭମାନଙ୍କର ଅତ୍ୟନ୍ତ ଦୟାବାନ ଗବର୍ଣ୍ଣମେଣ୍ଟ ଆମ୍ଭମାନଙ୍କ ଦୁଃଖରେ କାତର ହୋଇ ନାନାସ୍ଥାନରୁ ଚାଉଳ ଆଣି ଏଠାରେ ପ୍ରକୃତ ରୂପେ ଲୁଟାଇ ଦେଉଥିବା ପ୍ରତ୍ୟକ୍ଷେ ମଧ୍ୟ ଟିକସ ନେବାର ପ୍ରମାଦ କରିବାକୁ କୁଣ୍ଠିତ ହୋଇ ନାହାନ୍ତି ।

ଇନ୍‌କମ୍‌ଟେକ୍ସ ଗ୍ରହଣର କାରଣ ଏହି ଯେ ସରକାରି ଆୟ ବ୍ୟୟର ତତ୍ତ୍ୱାବଧାରକ ଶ୍ରୀଯୁକ୍ତ ମାସି ସାହେବଙ୍କ ବିବେଚନାରେ ଭାରତବର୍ଷର ଆୟ ଏ ବର୍ଷ ନ୍ୟୂନ ହେବାର ଆଶଙ୍କା ହୋଇଅଛି ଓ ସେଥିରୁ ନିରୂପିତ ବ୍ୟୟ ଅଧିକ ହେବାର ଜଣାଯାଏ । ଏ ବର୍ଷରେ କଷ୍ଟମ ଅର୍ଥାତ ସମୁଦ୍ର ପଥରେ ମାଲ ଆମଦାନି ରପ୍ତାନିର ମାସୁଲ ଓ ଅଫିମ ବିକ୍ରି ମୂଲ୍ୟ ପୂର୍ବାପେକ୍ଷା ଅଳ୍ପ ହେବାର ଜଣାଯାଇ ଅଛି । ଏପରି ଓଡ଼ିଶା ପ୍ରଦେଶକୁ ଚାଉଳ ପଠାଇବା କାରଣ ଯେଉଁ କୋଡ଼ିଏ ଲକ୍ଷ ଟଙ୍କା ପ୍ରଦତ୍ତ ହୋଇଅଛି ସେଥିରୁ ପ୍ରାୟେ ଅର୍ଦ୍ଧେ କମ ଓଜନ ଓ ନାନା ପ୍ରକାରେ ନଷ୍ଟ ହେବା ହେତୁରୁ ହସ୍ତଗତ ହେବ ନାହିଁ । ଏ ରୂପ ଭୟ ଜାତ ହୋଇଅଛି ଏବଂ ଫସଲ ନୋକସାନ ସକାଶେ ରାଜସ୍ୱ ମାଫ ଦେବାର ପ୍ରାୟ ନିଶ୍ଚୟ ଏ ସମସ୍ତ କାରଣରୁ ଆୟର ଅନେକ ଲାଘବ ହେବ ଅତଏବ ଶ୍ରୀଯୁକ୍ତ ମାସି ସାହେବ ଚେଷ୍ଟା କରନ୍ତି ଯେ ଆଗତ ଜନଓରି ମାସରୁ ନୂତନ ଟିକସ ଜାରି କଲେ ସେ ତ୍ରୁଟିମାନ ପୂର୍ଣ୍ଣ କରିଦେବେ । ଏବଂ ତାହା ସଙ୍ଗେ ସଙ୍ଗେ ଆମ୍ଭମାନଙ୍କର ଦୁର୍ଦ୍ଦଶା ମଧ୍ୟ ପୂର୍ଣ୍ଣ କରି ଦେବେ ।

ବର୍ତ୍ତମାନ ସମୟରେ ଯେବେ ଗବର୍ଣ୍ଣମେଣ୍ଟର ଏପରି ଅବସ୍ଥା ହୋଇଥାଏ ତେବେ ତାହା ଅତ୍ୟନ୍ତ ଦୁଃଖର ବିଷୟ ମାତ୍ର ଏକବର୍ଷ ଆୟରେ କିଞ୍ଚିତ ଊଣା ପଡ଼ିଲେ ଯେବେ ଗବର୍ଣ୍ଣମେଣ୍ଟ ଏତାଦୃଶ କଠିଣ ଉପାୟ ଅବଲମ୍ବନ ବିନା ସାଧାରଣ ବ୍ୟୟ ଚଳାଇବାକୁ ଅକ୍ଷମ ହୁଅନ୍ତି ତେବେ କୌଣସି ବିଶେଷ ଦୁର୍ଘଟଣା

Digitized by srujanika@gmail.com

Split by PDF Splitter



ହେଲେ ଏହାଙ୍କର ଅବସ୍ଥା କି ହେବ ? ବିଶେଷରେ ଏ ବର୍ଷରେ ସରକାରର ଯେବେ ଅଳ୍ପ ଆୟ ହୋଇଅଛି ମାଫ ଲୋକଙ୍କ ଉପରେ ସେଥିରେ ସରକାରର ଯେବେ ଅଳ୍ପ ଆୟ ହୋଇଅଛି ମାଫ ଲୋକଙ୍କ ଉପରେ ସେଥିର ଚତୁର୍ଗୁଣ ଦୁରବସ୍ଥା ପଡ଼ିଅଛି, ବଙ୍ଗଳା ମାନ୍ଦ୍ରାଜାଦି ଅନେକ ସ୍ଥାନରେ ଓ ସମୁଦାୟ ଓଡ଼ିଶାରେ ଦୁର୍ଭିକ୍ଷର ଶାନ୍ତି ହେବ ନାହିଁ ଓ ଲୋକମାନେ ଯେ ପର୍ଯ୍ୟନ୍ତ କଷ୍ଟ ପାଇ ଅଛନ୍ତି ପ୍ରାୟ ଦୁଇ ବର୍ଷରେ ସେଥିରୁ ଉଦ୍ଧାର ପାଇବାର ସନ୍ଦେହ । ମାତ୍ର ଶୁଣାଯାଏ ଯେ ଗବର୍ଣ୍ଣମେଣ୍ଟ ବର୍ଷକୁ ଟ୧୨୦୦ଙ୍କା ଆୟ ପର୍ଯ୍ୟନ୍ତ ମାଫ ଦେଇ ତାହା ଉପରେ ଯେଉଁମାନେ ଆୟ କରନ୍ତି ତାହାଙ୍କଠାରୁ ଟେକ୍ସ ନେବେ ଏଥିରେ କି ବଡ଼ ଲୋକଙ୍କର ବିସ୍ତର କଷ୍ଟ ହେବ ନାହିଁ ? ଓଡ଼ିଶାର ବଡ଼ ଲୋକ ଜମିଦାରମାନେ ଅଟନ୍ତି ମାତ୍ର ଏମାନେ ରାଜସ୍ୱ ଦେବାକୁ ଅକ୍ଷମ ଓ ବଙ୍ଗଳାର ବଡ଼ ଲୋକମାନେ ଭଦ୍ରଙ୍କ ଯେରୂପ କର୍ମ କରିଅଛନ୍ତି ସେଥିରେ କି ସେମାନେ ଅନେକ ତହୁ ଫେର୍‌ରେ ପଡ଼ିନାହାନ୍ତି ? ଏ ସ୍ଥଳେ ଟେକ୍ସ ଗ୍ରହଣ କରିବାର ପ୍ରସ୍ତାବ ଅତ୍ୟନ୍ତ ଅହିତକର ମଧ୍ୟ ପ୍ରଜାଙ୍କ ମଧ୍ୟରେ ସରକାରର ବିଶେଷ ଅବମାନନା ହେବ । ସେମାନେ ନିଶ୍ଚୟ କହିବେ ଯେ ସରକାର ଏକବର୍ଷ ଅନୁଚିତ ବ୍ୟୟ କଲେ ବୋଲି ସେହି ଛଳରେ ବିସ୍ତର ଟଙ୍କା ଆୟ କରିବାର ଏକ ଉପାୟ କରିଅଛନ୍ତି । ସ୍ୱାଭାବତଃ ଲୋକେ ମହାରାଣୀଙ୍କ ରାଜ୍ୟ ଶାସନକୁ ଟେକ୍ସ ନେବାର ରାଜତ୍ୱ ଜ୍ଞାନ କରନ୍ତି ଓ ତହିଁକି ଇନ୍‌କମ୍ ଟେକ୍ସର ପ୍ରସ୍ତାବ ସୁବର୍ଣ୍ଣକୁ ଟାଙ୍ଗଣା ପ୍ରାୟ ହେବ ।

---

## ରାଜସ୍ୱ ମାଫ

ଆମ୍ଭେମାନେ ଆନନ୍ଦର ସହିତ ଶ୍ରବଣ କରିଅଛୁଁ ଯେ ଜମିଦାରମାନେ କମିସ୍ନର ସାହେବଙ୍କ ହୁକୁମ ନାରାଜରେ ଗବର୍ଣ୍ଣମେଣ୍ଟକୁ ରାଜସ୍ୱମାଫ ପାଇବା ଆଶାରେ ଦରଖାସ୍ତ ପଠାଇଅଛନ୍ତି । ମାତ୍ର ଉକ୍ତ ଦରଖାସ୍ତ ବୋର୍ଡକୁ ନ ପଠାଇ ଏକାବେଳକେ ଗବର୍ଣ୍ଣମେଣ୍ଟକୁ ପଠାଇବାର କାରଣ ଆମ୍ଭେମାନେ ବୁଝି ପାରୁନାହୁଁ । ବୋଧ ହୁଏଇ ଗବର୍ଣ୍ଣମେଣ୍ଟ ବୋର୍ଡ଼ ସାହେବଙ୍କ ଅଭିମତ ଅପେକ୍ଷାରେ ସେ ଦରଖାସ୍ତ ତାଙ୍କ ନିକଟକୁ ପଠାଇପାରନ୍ତି । କମିସ୍ନର ସାହେବ ଆପଣା ରାୟ ବାହୁଲ୍ୟ ରୂପେ ବ୍ୟକ୍ତ କରିଅଛନ୍ତି ଆଉ ତାଙ୍କଠାରୁ ଗବର୍ଣ୍ଣମେଣ୍ଟ କି ଅଧିକ ଜାଣିବାର ଆଶା ରଖିପାରନ୍ତି । ଶ୍ରୀଯୁତ ରେବନ୍‌ସାସାହେବ ଆମ୍ଭର ମଙ୍ଗଳ ସକାଶେ ପ୍ରେରିତ ହୋଇଅଛନ୍ତି । ଆମ୍ଭ ସକାଶେ ଗବର୍ଣ୍ଣମେଣ୍ଟ ଓ ବୋର୍ଡ଼ରେ ରାଜସ୍ୱ ମାଫ ଦିଅନ୍ତୁ ନା ଏକାବେଳେ ମହାନଦୀ ଏହି ପାରକୁ

Digitized by srujanika@gmail.com

ଜମିଦାରଙ୍କ ଦରଖାସ୍ତ ଫେରାଇ ଦେଲେ । କମିସ୍ନର ସାହେବଙ୍କ ଆଜ୍ଞାରେ ଅସାରତା ଏଥିପୂର୍ବେ ଆମ୍ଭେମାନେ ପାଠକ ମହାଶୟଙ୍କୁ ଜଣାଇଁ ଅଛୁ ମାତ୍ର ସେ ବିଷୟରେ ଆହୁରି କହିବାର ବକ୍ତବ୍ୟ ଅଛି ଜମିଦାରମାନେ ଚାହିଁଲେ ଗବର୍ଣ୍ଣମେଣ୍ଟରେ ତାହା ଆଗତ କରିପାରନ୍ତି । କମିସ୍ନର ସାହେବଙ୍କ ଆଜ୍ଞା ମନୋଯୋଗ ପୂର୍ବକ ପାଠକଲେ ସେଥିରେ ଏହି ଉପଲବ୍ଧି ହେଉ ଅଛି ଯେ ତାଙ୍କ ବିବେଚନାରେ ରାଜସ୍ୱ ମାଫିରେ କେବଳ ଜମିଦାର ଫାଏଦା ଅଛି ଓ ତାହା ମାଫ ନ ଦେଲେ କେବଳ ଜମିଦାରଙ୍କର କ୍ଷତି ହେବ । ଯଦ୍ୟପି ସେ ବିବେଚନା କରନ୍ତେ ଯେ ରାଜସ୍ୱ ମାଫରେ ରୟତର ସାହାଯ୍ୟ ହୁଅଇ ତାହା ହେଲେ ସେ ଅବଶ୍ୟ ମାଫି ସକାଶେ ଗବର୍ଣ୍ଣମେଣ୍ଟକୁ ଲେଖନ୍ତେ । କାରଣ ପ୍ରଜାଙ୍କ ଉପକାର ସକାଶେ ସାହେବ ପ୍ରଶଂସିତ ଦୁର୍ଭିକ୍ଷରେ ସାହାଯ୍ୟ କର୍ମ ଉତ୍ତମ ରୂପ ଚଳାଇବା କାରଣ ବିଶେଷ ଚେଷ୍ଟା ପାଉଅଛନ୍ତି । ସେ ସ୍ଥଳେ କି ପ୍ରଜାଙ୍କୁ ଦୁଃଖ ଦେବାର ତାଙ୍କର ମାନସ ହୋଇପାରେ ? ମାତ୍ର ଜମିଦାରଙ୍କୁ ମାଫ ନ ଦେଲେ ପ୍ରଜାର ନିସ୍ତାର ନାହିଁ । ଜମିଦାର ସଙ୍କଟରେ ନିରୁପାୟ ହୋଇଅଛି ଓ ଗବର୍ଣ୍ଣମେଣ୍ଟର କର ଆଦାୟ ସକାଶେ ସୁତରାଂ ପ୍ରଜାର ସର୍ବସ୍ୱ ବିକ୍ରୟ କରାଇବ ଓ ଦରବାରରେ ମଧ୍ୟ ତେତେବେଳେ ପ୍ରଜାର ସହାୟ କେହି ହେବନାହିଁ । ଯେବେ ସବୁଠିରେ ସମ ଭାବରେ ଶସ୍ୟ ହୋଇଥାନ୍ତା ତେବେ କମିସ୍ନର ସାହେବଙ୍କ କହିବା ମତରେ ଶସ୍ୟର ବେଶୀ ମୂଲ୍ୟ ହେତୁରୁ ଅକ୍ଲେଶରେ ଖଜଣା ଆଦାୟ ହୁଅନ୍ତା ମାତ୍ର ନୋକସାନ ତ ସେପରି ବିସ୍ତର କଣ ହୋଇନାହିଁ । ଯେଉଁ ଗ୍ରାମରେ ସ୍ୱଳ୍ପେକ ଫସଲ ନୋକସାନ ସେ ସ୍ଥାନର ପ୍ରଜାମାନେ ଧାନ୍ୟ ମହାର୍ଘରେ ବିକ୍ରି କରି ଖଜଣା ଆଦାୟ କରିନାହାନ୍ତି । ଅପ୍ରେଲ ପ୍ରଥମ କିସ୍ତିରେ ସେମାନେ ଘର ଓ ବ୍ୟବହାର ପଦାର୍ଥମାନ ବିକ୍ରି କରି ଖଜଣା ଦେଇ କାଙ୍ଗାଳ ବାଟଙ୍ଗି ନେଇ ସ୍ଥାନାନ୍ତର ହେଲେ । ଅପ୍ରେଲ ମାସ କିସ୍ତି ନ ହୋଇଥିଲେ କୃଷୀଙ୍କର ଅବସ୍ଥା ଅନେକ ଭଲ ହୋଇଥାନ୍ତା । ମାତ୍ର କମିସ୍ନର ଓ ଜମିଦାରଙ୍କ ବିବାଦରେ ପ୍ରଜାଙ୍କର ଆଉ ନିସ୍ତାରନାହିଁ । ଯଦ୍ୟପି ଗବର୍ଣ୍ଣମେଣ୍ଟ ଯଥାର୍ଥ ଅବସ୍ଥା ଦୃଷ୍ଟିରେ ବିବେଚନା କରିବେ ତେବେ ମଙ୍ଗଳ ନତୁବା ନବମ୍ବର ମାସ ଓଡ଼ିଶାକୁ ଦିଗମ୍ବର କରିବ । ଆମ୍ଭେମାନେ ଏହିମାତ୍ର ପ୍ରାର୍ଥନା କରୁଁ ଯେ ଗବର୍ଣ୍ଣମେଣ୍ଟ ଯେ ରୂପ ଦେଶରେ ଶସ୍ୟଥିବାର ବିଶ୍ୱାସରେ ଚାଉଳ ଶୀଘ୍ର ନ ପଠାଇ କେତେ ଲୋକଙ୍କୁ ଯମନ ଭବନକୁ ପ୍ରେରଣ କଲେ ସେ ରୂପ ଯେମନ୍ତ ଶସ୍ୟର ଦୁର୍ମୂଲ୍ୟରେ ଜମିଦାରଙ୍କ ଲାଭ ହୋଇଥିବା ବିବେଚନାରେ ରାଜସ୍ୱ କ୍ଷମା ନ ଦେଇ ଶେଷ ଥିବା ବ୍ୟକ୍ତିମାନଙ୍କୁ ନିଃଶେଷ ନ କରନ୍ତୁ ।

Digitized by srujanika@gmail.com

Split by PDF Splitter



ହିନ୍ଦୁ ପେଟ୍ରିଅଟ ଶ୍ରବଣ କରିଅଛନ୍ତି ଯେ ବୋର୍ଡ଼ରେବନ୍ୟୁ ଆରଇ କଣ୍ଟି ଖଜଣା ମାଫ ଦେବାର ମନସ୍ଥ କରିଅଛନ୍ତି ମାତ୍ର ସ୍ଥାନୀୟ ହାକିମଙ୍କର ରିପୋର୍ଟ ଅପେକ୍ଷାରେ କିଛି ସ୍ପଷ୍ଟ ହୁକୁମ ଦେଉ ନାହାନ୍ତି । କି ଆଶ୍ଚର୍ଯ୍ୟ ବୋର୍ଡ ସାହେବମାନେ ଅବଧି ସ୍ଥାନୀୟ ହାକିମଙ୍କ ରିପୋର୍ଟର ଆବଶ୍ୟକତା ବିବେଚନା କରୁଅଛନ୍ତି । ଦୁର୍ଭିକ୍ଷ ଆରମ୍ଭଠାରୁ ଆଜିପର୍ଯ୍ୟନ୍ତ ପ୍ରାୟ ଏକବର୍ଷ କାଳ ଗତ ହେଲା ଓ ଏଥି ମଧ୍ୟରେ ଓଡ଼ିଶାରେ ଯେ ଯେ ବିପତ୍ତିମାନ ପଡ଼ିଲା ତାହା ଭାରତ ବର୍ଷରେ କାହାରି ଅବିଦିତ ନାହିଁ । ମାତ୍ର ବୋର୍ଡ କାହାରି କଥା ଶୁଣିବାକୁ ଅଭ୍ୟାସ କରିନାହାନ୍ତି ସ୍ଥାନୀୟ ହାକିମ ମାନେ ରିପୋର୍ଟ ନ କଲେ ସେମାନେ କିଛି କରିବେ ନାହିଁ । କେବଳ ସ୍ଥାନୀୟ ହାକିମଙ୍କ ରିପୋର୍ଟରେ ନିର୍ଭରକରି ଚଣ୍ଡୁଲାଦି ପଠାଇବାରେ ବିଳମ୍ବ କଲାରୁ ଅସଂଖ୍ୟ ପ୍ରାଣୀ ନାଶ ହେଲେ ତଥାଚ ବୋର୍ଡ଼ ଆପଣାର ଭ୍ରମ ତ୍ୟାଗ ନ କରି ପୁନର୍ବାର ରିପୋର୍ଟର ଅପେକ୍ଷାରେ ବସିଅଛି କେବଳ ଆମ୍ଭମାନଙ୍କର ଅବସ୍ଥା ଉତ୍ତରୋତ୍ତର ମନ୍ଦ କରିବାର ଉପାୟ କରୁଅଛନ୍ତି ।

---

## ସାପ୍ତାହିକ ସମ୍ବାଦ

ଉକ୍ତ ପତ୍ରିକାରୁ ଜାଣିଲୁଁ ଯେ ବର୍ଦ୍ଧମାନର ମହାରାଜା ପ୍ରତ୍ୟହ ୮୦୦ ଦୁର୍ଭିକ୍ଷ ପୀଡ଼ିତ ବ୍ୟକ୍ତିଙ୍କୁ ଆହାର ଦେଉଅଛନ୍ତି । ସାହାର୍ଯ୍ୟ କର୍ମରେ ସରକାର ବାହାଦୁର ସିତମ୍ବର ମାସ ଶେଷ ପର୍ଯ୍ୟନ୍ତ ତଳ ଲେଖିତ ମତେ ଟଙ୍କା ଖର୍ଚ୍ଚ କରିଅଛନ୍ତି । ଯଥା—

| | |
|---|---|
| ନଗଦ— | ଟ ୨,୯୨,୯୪୬ |
| ଶସ୍ୟ— | ଟ ୧୨,୨୭,୭୫୯ |
| ମୋଟ | ଟ ୧୫,୨୬,୭୦୪ |

ବୋମ୍ବାଇର ସର୍ବ ପ୍ରଧାନ ବଣିକ ଶ୍ରୀଯୁକ୍ତ ପ୍ରେମଚାନ୍ଦ ରାଏ ଚାନ୍ଦ ଯୋଗହୀନ ହୋଇଅଛନ୍ତି । ହିନ୍ଦୁ ପେଟ୍ରିଅଟରୁ ଅବଗତ ହେଲୁ ଯେ ସେ ପ୍ରଥମେ କଲିକତାର ଜଣେ ପାରସ ମହାଜନର କୋଠିରେ ମାସକୁ ଟ ୪୦ ଙ୍କା ଦରମାହାରେ ଚାକର ଥିଲେ । ତହୁଁଆରୁ ବୋମ୍ବାଇକୁ ଫେରିଯାଇ ସାମାନ୍ୟ ଦଲାଲି କର୍ମ କରୁଥିଲେ । ଏଥି ମଧ୍ୟରେ ଆମେରିକା ଯୁଦ୍ଧ ହେବାରୁ ବିଲାତରେ କାର୍ପାସ ଅପ୍ରାପ୍ତ ହେବାରୁ

Digitized by srujanika@gmail.com

Split by PDF Splitter



ହିନ୍ଦୁସ୍ଥାନରୁ ଉକ୍ତ ପଦାର୍ଥର ରପ୍ତାନି କର୍ମ ବଢ଼ିଲା ଓ ଏହି ସୁଯୋଗ ଅବଲମ୍ବନ କରି ଶ୍ରୀଯୁକ୍ତ ପ୍ରେମଚାନ୍ଦ ରାଏ ଚାନ୍ଦ ଆପଣା ସର୍ବସ୍ୱ କପାବେପାରରେ ନିଯୁକ୍ତ କରି ଏପ୍ରକାର ବୁଦ୍ଧି ଓ ସାହାସରେ କର୍ମ ଚଳାଇଲେ ଯେ ପ୍ରାୟ ୨ ୩ ବର୍ଷ ମଧ୍ୟରେ ୪/୫ କୋଟି ଟଙ୍କା ଉପାର୍ଜନ କଲେ । ବୋମ୍ବାଇରେ ଏ ବ୍ୟକ୍ତି ସର୍ବାଗ୍ରଗଣ୍ୟ ହେଲେ ଏବଂ ସର୍ବପ୍ରକାର ଲୋକ ଏହାଙ୍କ ଯଶଃ ଘୋଷଣାରେ ନିଯୁକ୍ତ ହେଲେ । ସେ ସମୟ ଶ୍ରୀଯୁକ୍ତ ପ୍ରେମଚାନ୍ଦ ରାଏଚାନ୍ଦ ଅକାତର ହୃଦୟରେ ଦେଶର ଉନ୍ନତି ଓ ସାଧାରଣ ମଙ୍ଗଳ କର୍ମ ସକାଶେ ଲକ୍ଷ ଲକ୍ଷ ଟଙ୍କା ଦାନ କରୁଥିଲେ । ମାତ୍ର ଅଦ୍ୟ ତାହାଙ୍କର ଅବସ୍ଥା କି ହୋଇଅଛି । ସେ ଅକିଞ୍ଚନ ହୋଇ ଆପଣାର ଦେଣାମାନ ଦେଇ ପାରୁ ନାହାନ୍ତି ଯେଉଁ କାର୍ପାସରେ ତାହାଙ୍କର ସୌଭାଗ୍ୟ ଉଦୟ ହୋଇଥିଲା ସେହି କାର୍ପାସର ବେପାର ଅମେରିକାଯୁଦ୍ଧ ଶେଷ ହେବାରୁ ମନ୍ଦା ପଡ଼ିଯିବାରୁ ତାହାଙ୍କର ଏପ୍ରକାର ଦୁର୍ଗତି ହୋଇଅଛି । ଲକ୍ଷ୍ମୀ ଚଞ୍ଚଳା ବୋଲି ସମସ୍ତେ କହନ୍ତି ମାତ୍ର ଏତେ ଚଞ୍ଚଳା ବୋଲି କଦାଚ ଦୃଷ୍ଟି ହୋଇ ନଥିଲା ।

ଶ୍ରୀଯୁକ୍ତ ଡାକ୍ତର ମୋଇଲଅଟ ସାହେବ କଟକର ସିବିଲସର୍ଜନ ପଦର ନିଯୁକ୍ତ ହୋଇଅଛନ୍ତି ।

ଦୁର୍ଗାପୂଜା ଉପଲକ୍ଷରେ କଲିକତାର ଜେନେରଲ ଫେଲାଗ ଓ ବଙ୍ଗ ଦେଶର ସମସ୍ତ ସରକାରୀ ତହବିଲ ଓ ରେବନୁ ଅଫିସମାନ ଚଳିତ ମାସ ତା୧୭ରିଖଠାରୁ ତା ୨୭ରିଖ ପର୍ଯ୍ୟନ୍ତ ବନ୍ଦ ହେବ । ଓଡ଼ିଶାର ରେବନୁ ଅଫିସମାନ ବର୍ତ୍ତମାନ ଏକ ପ୍ରକାର ଗୁଡ଼ଲ ଦୋକାନ ହୋଇଅଛି । ଅତଏବ ଗୁଡ଼ଲ ବିକ୍ରିର କିଛି ଉତ୍ତମ ବନ୍ଦୋବସ୍ତ ନ କରି ଏ ସମସ୍ତ ମହକୁମା ବନ୍ଦ ହେଲେ ଲୋକଙ୍କର ଅନେକ ଅନିଷ୍ଟ ହେବାର ସମ୍ଭାବନା ଏଣୁ କରି ଅତ୍ୟନ୍ତ ଆବଶ୍ୟକ ହେଉଅଛି ଯେ ଗୁଡ଼ଲ ବିକ୍ରି ସମ୍ପର୍କୀୟ ସମସ୍ତ କର୍ମ ନିୟମିତ ପ୍ରକାରରେ ଚଳିବା ପକ୍ଷରେ ବିହିତ ଉପାୟ ହେବ ।

ଆମ୍ଭେମାନେ ପୁଲିସର ରିପୋର୍ଟ ଉପରେ ନିର୍ଭର କରି ଗତ ସପ୍ତାହ ପତ୍ରିକାରେ ଲେଖିଥିଲୁଁ ଯେ ପଣ୍ଡାମୁଣ୍ଡେର ନିକଟରେ ସରକାରୀ ତହବିଲ ଲୁଟ ହୋଇଥିଲା । ମାତ୍ର ପୁଲିସ ଦ୍ୱିତୀୟ ରିପୋର୍ଟରୁ ଅବଗତ ହେଲୁଁ ଯେ ସରକାରୀ ତହବିଲ ଲୁଟ ନ ହୋଇ କେବଳ କନେଷ୍ଟବଲ ଓଗେରଙ୍କର ଲୋଟା ପିତଳ ଇତ୍ୟାଦି ଓ ପ୍ରାୟ ନଗଦ ଟଙ୍କା ଲୁଟ ହୋଇଅଛି ବୋଧ ହୁଅଇ ବଦମାସ-ମାନେ ଅଧିକ ଧନାଶାରେ ନୌକାକୁ ଆକ୍ରମଣ କରିଥିଲେ ପଶ୍ଚାତ୍ ଆପଣା ଅଦୃଷ୍ଟର କାଣିପାଣି ଯଥା ଲାଭରେ ସନ୍ତୁଷ୍ଟ ହୋଇ ଚାଲିଗଲେ । ଯାହା ହେଉ ଯେ ରୂପ ପୁଲିସ ତଦୁପଯୁକ୍ତ କର୍ମ ହୋଇଅଛି ।

Digitized by srujanika@gmail.com

Split by PDF Splitter



ଲଣ୍ଡନ ଖବ୍ରୀ ପତ୍ରିକାରୁ ଇଙ୍ଗ୍ଲିସମାନ ପ୍ରକାଶ କରିଅଛନ୍ତି ଯେ ପେସିଫିକ ନାମକ ମହାସାଗରରେ ସେଉଁ ଅସଭ୍ୟ ଲୋକମାନେ ଗୋଟିଏ ଫରାସିସ ଜାହାଜର କର୍ମଚାରୀମାନଙ୍କୁ ଭକ୍ଷଣ କରିଥିଲେ ସେମାନଙ୍କ ଜାତିର ପ୍ରାୟ ନିଃଶେଷ ଫରାସିସଙ୍କ ହସ୍ତରେ ବଧ ହୋଇଅଛି । ଲଣ୍ଡନ ଖବ୍ରୀ ଲେଖନ୍ତି ଯେବେ ଗୋଟିଏ ଜାହାଜର କେତେକ ଜଣ କର୍ମଚାରୀ ସକାଶେ ଫରାସିସମାନେ ନିଃଶେଷ ବଧ କଲେ ତେବେ ସେମାନଙ୍କୁ ବିଶେଷ ସଭ୍ୟ ବୋଲି କହୁଁଥେ କୁହାଯିବ ପାଠକମାନେ ଏଥିରୁ ଜାଣିବେ ଯେ ଆମେରିକାର କୌଣସି କୌଣସି ସ୍ଥାନରେ ଏବଂ ମହାସମୁଦ୍ରସ୍ଥିତ ଦ୍ୱୀପମାନଙ୍କରେ ଅବଧି ଏରୂପ ମନୁଷ୍ୟ ଅଛନ୍ତି ଯେମାନେ ମନୁଷ୍ୟ ମାଂସ ଆହାର କରନ୍ତି ବୋଧ ହୁଅଇ ଲଙ୍କାରେ ପୂର୍ବେ ଏହିପରି ଅସଭ୍ୟ ଜାତିଥିଲେ ଯେ ତାହାଙ୍କୁ ରାକ୍ଷସ ନାମରେ ସମସ୍ତେ ବର୍ଣ୍ଣନା କରିଅଛନ୍ତି ।

ଆଲ୍ଲାବାଦସ୍ଥ ସମ୍ବଦ ଆଜାମଜଗାଁ ବାହାଦୁର କହନ୍ତି ଯେ ଶୂକର ମାଂସ ଓ ମଦ୍ୟ ପ୍ରଭୃତି କୌଣସି ଅଖାଦ୍ୟ ନ ଥିଲେ ମୁସଲମାନମାନେ ଇଙ୍ଗ୍ରେଜମାନଙ୍କ ସଙ୍ଗେ ଖାନା ଖାଇବାରେ କିଛି ବିରୋଧ ନାହିଁ । ଏଥିରେ ଯୋଗ୍ୟତା ସକାଶେ କୋରାନରୁ ସେ ଦୁଇ ଏକବଚନ ଉଦ୍ଧାର କରିଅଛନ୍ତି । ସେ କୁହନ୍ତି ରୋମରାଜ୍ୟ ଅଧୀନସ୍ଥ ମୁସଲମାନମାନେ ଖ୍ରୀଷ୍ଟିୟାନ ପାଚକର ପାକକୃତ ଦ୍ରବ୍ୟ ବ୍ୟବହାର କରନ୍ତି ।

ଓଡ଼ିଶା ଦେଶର ଅବସ୍ଥା ଉତ୍ତମ ରୂପେ ଜାଣିବା ନିମନ୍ତେ ଇଣ୍ଡିୟେନ ଡେଲିନିଉଜ ନାମକ ସମ୍ବାଦପତ୍ର ଏକ ବ୍ୟକ୍ତିକୁ ନିଯୁକ୍ତ କରି କଲିକତାରୁ ପଠାଇ ଅଛନ୍ତି । ଆଉ ଦୁଇ ମାସ କି ଏକମାସ ପୂର୍ବରୁ ଏପରି ଏକ ଲୋକ ଆସିଥିଲେ ଓଡ଼ିଶା ଦେଶର କେତେ ମଙ୍ଗଳ ହୋଇଥାନ୍ତା । ଯାହାହେଉ ଏବେ ମଧ୍ୟ କିଛି ମଙ୍ଗଳ ହେବାର ସମ୍ଭବ । ପୁଲିସ ହାକିମମାନେ ସାବଧାନ ହେଉନ୍ତୁ ।

ଡାକ୍ତର ଲଙ୍କେଷ୍ଟର ସାହେବ କହନ୍ତି ଯେ ବିଲାତରେ ଲଣ୍ଡନ ସହରରେ ୧୬୦୦୦ ବାଳକ ହତ୍ୟା କାରିଣୀ ସ୍ୱେଟପୀ ଅଛନ୍ତି ! କି ଆଶ୍ଚର୍ଯ୍ୟ ଏତେ ବଡ଼ ସଭ୍ୟ ଦେଶରେ ଏପରି ପାପାଚରଣ ହେଉଅଛି ସଭ୍ୟତା ସଙ୍ଗେ ପାପର କି କିଛି ସହଯୋଗ ଅଛି ?

ଆସନ୍ତା ନବମ୍ବର ତା ୧୦ରିଖରେ ଗବର୍ଣ୍ଣର ଯେନେରଲ ଆଗରା ମୁକାମରେ ଏକ ବଡ଼ ଦରବାର କରିବେ ।

ହାଇକୋର୍ଟର ଜଜ୍ ଟ୍ରେବର ସାହେବ ହାଇକୋର୍ଟର ଉକିଲଙ୍କୁ ଏକାବେଳେ ସଦର ଅମୀନ ଓ ସଦର ଅମୀନ ଆଲ୍କର୍ମ ଦେବା ନିମନ୍ତେ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କୁ ଲେଖିଅଛନ୍ତି । ଉକ୍ତ ସାହେବଙ୍କ ଇଚ୍ଛା ଯେ ପୁରାତନ ଅକ୍ଷମ ସଦର

Digitized by srujanika@gmail.com

Split by PDF Splitter



ଅମିନ ଆଲିଙ୍କୁ ପେନସନ ଦେଇ କର୍ମରୁ ବରଖାସ୍ତ କରିବେ । ଏଥିରେ ହିନ୍ଦୁ ପେଟ୍ରିଏଟ ଲେଖନ୍ତି ଯେ ହାଇକୋର୍ଟର ଓକିଲମାନେ ଏକାବେଳକେ ସଦର ଷ୍ଟେଟ ଅଦାଲତର ଜଜ ହେଉଅଛନ୍ତି ସେମାନଙ୍କର ସଦର ଅମିନ ଆଲିକର୍ମ ପାଇବାରେ କି ବିରୋଧ ଅଛି ।

ଏ ସପ୍ତାହ ମଧ୍ୟରେ କଟକରେ ବରଷା ହୋଇନାହିଁ । ସରକାରୀ ଚାଉଳ ବିକ୍ରି ଆରମ୍ଭ ହୋଇନାହିଁ ବନ୍ଦରରୁ ଅଧିକ ଚାଉଳ ଆସିନାହିଁ । ସାହାଯ୍ୟ ଚାଉଳ ବେଶି କିଛି ମାତ୍ର ହୋଇନାହିଁ । କେବଳ ସମ୍ବଲପୁରରୁ କେତେକ ନୌକା ଚାଉଳ ଆସିଥିବାରୁ ଲୋକଙ୍କ ଜଟାଛ ଚଳୁଅଛି ମାତ୍ର ଭାଵ ଅତ୍ୟନ୍ତ ଅସ୍ଥିର । ଯାହାହେଉ ସମସ୍ତ ସମୟରେ ଚାଉଳ ଏକଟଙ୍କାକୁ ସେ୪ରଠାରୁ ସେ୬ର ପର୍ଯ୍ୟନ୍ତ ବିକି ହେଉଅଛି ଓ ମଫସଲରେ କେତେ ବର୍ଷା ହେବାର ଶୁଣାଯାଉଅଛି । ମେଘ ପଡ଼ ଲୋକଙ୍କର ଏ ରୂପ ଅବିଶ୍ୱାସ ଜନ୍ମିଅଛି ଯେ କଥିତ ଅଭାବ ଦେଖିଲେ ଗତବର୍ଷ ଅବସ୍ଥାକୁ ସମସ୍ତେ ଚିନ୍ତୁଅଛନ୍ତି ।

ଶ୍ରୀଯୁକ୍ତ ଡାକ୍ତର କୋଟସାହେବଙ୍କ କର୍ମରେ ଶ୍ରୀଯୁକ୍ତ ଇଲିଅଟ ସାହେବଙ୍କୁ ଗବର୍ଣ୍ଣମେଣ୍ଟ ନିଯୁକ୍ତ କରିଥିଲେ । ପୁଣି ଶୁଣାଯାଏ ଡାକ୍ତର ସେକପ୍ନ ସାହେବ ଉକ୍ତ ପଦରେ ନିଯୁକ୍ତ ହୋଇ ଅବିଳମ୍ବରେ ଏ ସ୍ଥାନକୁ ଆସୁଅଛନ୍ତି ।

ଦୁର୍ଭିକ୍ଷର ବିଶେଷ ଅବସ୍ଥା ଜାଣିବା ସକାଶେ ଭାରତବର୍ଷର ଗବର୍ଣ୍ଣମେଣ୍ଟ ଶ୍ରୀଯୁକ୍ତ କମିସ୍ନର ସାହେବଙ୍କଠାରୁ କଇଫିଅତ ପ୍ରୟୋଜନ କରିଅଛନ୍ତି । ଖୋସକି ଧୂଇ ଉଭୟ କାରଣରୁ କି ପରିମାଣ ଶସ୍ୟ ନଷ୍ଟ ହୋଇଅଛି ଓ ଅନାହାରରେ ସବ ସୁଦ୍ଧା ଅନ୍ଦାଜ କେତେ ଲୋକ ମରିଅଛନ୍ତି ଇତ୍ୟାଦି ବିଷୟର ବିଶେଷ ଅନୁସନ୍ଧାନ କରି ଲେଖିବା କାରଣ ଆଦେଶ କରିଅଛନ୍ତି । ପ୍ରଜାମାନେ ଜାତ ହେଉନ୍ତୁ ଯେ ଆମ୍ଭମାନଙ୍କର ଦୟାଳୁ ଗବର୍ଣ୍ଣମେଣ୍ଟ ନିଶ୍ଚିନ୍ତ ବସିନାହାନ୍ତି ।

ଭଦ୍ରଖରେ କାଙ୍ଗାଳମାନେ ଖାଇବାକୁ ପାଇ ମଜବୁତ ହେଲାରୁ ତାଙ୍କୁ ଲୁହି କାମ କରିବା ସକାଶେ ସେଠା ଆସିଷ୍ଟାଣ୍ଟ ମେଜଷ୍ଟର ସାହେବ ଏକ ଉତ୍ତମ ଘର ବନାଇ ଦେବାରେ ସେମାନେ କେହି ସେ ଘର ଭିତରକୁ ପଶିବାକୁ ଚାହିଁଲେ ନାହିଁ । କହନ୍ତି ଯେ ଏ ଘରକୁ ଗଲେ ସାହେବ ତଣ୍ଟି କାଟି ପକାଇବ । ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ଅନ୍ତଃକରଣରେ ଜଣାଉଅଛୁ ଯେ ଆମ୍ଭମାନଙ୍କର ବନ୍ଧୁ ପରିଶ୍ରମୀ ଓ ନ୍ୟାୟବାନ କାଲେକ୍ଟର ଶ୍ରୀଯୁକ୍ତ କର୍ଣ୍ଣେଲ ସାହେବ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞାନୁସାରେ କଲେକ୍ଟର ପଦରୁ ଚ୍ୟୁତ ହୋଇ ଯଏଣ୍ଟ ମେଜେଷ୍ଟର ପଦରେ ଦାଖଲ

Digitized by srujanika@gmail.com

Split by PDF Splitter



ହୋଇଅଛନ୍ତି ଓ ଶ୍ରୀଯୁକ୍ତ ମେକଫରସନ ସାହେବ ଅବଲମ୍ବରେ ଏଠାରେ କଲକ୍ଟରି କର୍ମ କରିବା ପାଇଁ ଆସିଅଛନ୍ତି । ଶୁଣାଯାଏ ଯେ ଶ୍ରୀଯୁକ୍ତ କମିସନର ସାହେବ ଗବର୍ଣ୍ଣମେଣ୍ଟଙ୍କୁ କି ରିପୋର୍ଟ କରିଥିବାରୁ ଏ ରୂପ ଦାରୁଣ ଦଣ୍ଡ କଲକ୍ଟର ସାହେବଙ୍କ ପ୍ରତି ପଡ଼ିଅଛି । ଏଥିରେ ଏକାକାର ସର୍ବସାଧାରଣ ଅତ୍ୟନ୍ତ ଖେଦ ପ୍ରକାଶ କରୁଅଛନ୍ତି ଓ ଗବର୍ଣ୍ଣମେଣ୍ଟଙ୍କର ଅବିଚାର ବାରବାର ସ୍ମରଣ କରି କାତର ହେଉଅଛନ୍ତି ।

---

## ପ୍ରେରିତ ପତ୍ର

ପ୍ରହେଳିକା—

ନୁହେଁ ସେ ଅମୃତ ଜନ୍ମ ସାଗର ମଧ୍ୟରେ
ପୃଥିବୀ ମଧ୍ୟରେ ଅମୃତର କର୍ମ କରେ ।
ସର୍ବଦା ସେ ବାସ କରେ ସମସ୍ତଙ୍କ ଘରେ
ଏକ ଜାତି ହୋଇ ମଧ୍ୟ ନାନା ବର୍ଣ୍ଣ ଧରେ ।
ତିନି ବର୍ଣ୍ଣ ଅଧିକ ନୁହଇ ତାର ନାମ
ଶୁକ୍ଳବର୍ଣ୍ଣ କରଂତି ସେ ସମସ୍ତେ ସମ୍ମାନ ।
ଶେଷ ତ୍ୟାଗ କୁଶ ଜ୍ୟେଷ୍ଠ ଭାଇ ନାମ ହେବ
ଆଦ୍ୟ ତ୍ୟାଗେ ତାଙ୍କ ଜନ୍ମ ସ୍ଥାନ ବୁଝାଇବ ।
କୁହ କୁହ ଦେଖି ଭାଇ କି ପଦାର୍ଥ ହେବ
କିଞ୍ଚିତ ଭାବିଲେ ଏହା ସହଜେ ବୁଝିବ ।

ବଶମ୍ବଦ
ଜଣେ ବାଲେଶ୍ବର ନିବାସୀ

---

## ବିଜ୍ଞାପନ

ଗ୍ରାହକମାନଙ୍କୁ ସମ୍ବାଦ ଦେଉଅଛୁଁ ଯେ ଯେଉଁମାନେ ପତ୍ରିକାର ଅଗ୍ରିମ ମୂଲ୍ୟ ଦେଇନାହାନ୍ତି ସେମାନେ ଚଳିତ ଅକ୍ଟୁବର ମାସ ଶେଷ ପର୍ଯ୍ୟନ୍ତ ତାହା ଆଦାୟ ନ କଲେ ସେମାନଙ୍କୁ ବାକିଦାର ଜ୍ଞାନ କରାଯିବ । ଓ ବର୍ଷାନ୍ତେ ଯେ ମୂଲ୍ୟ ନିର୍ଦ୍ଦିଷ୍ଟ ଅଛି ସେହି ମୂଲ୍ୟ ତାଙ୍କଠାରୁ ନିଆଯିବ ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକାର ମୂଲ୍ୟ

ଅଗ୍ରୀମ ବାର୍ଷିକ ମୂଲ୍ୟ—ଟ ୫

ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ଟ ୬

ମଫସଲ ଗ୍ରାହକଙ୍କୁ ମୂଲ୍ୟ ଛଡ଼ା ଡାକମାସୁଲ ବର୍ଷକୁ ଟ ୩। ଏ ସମ୍ବାଦ ସମ୍ପର୍କୀୟ ସମସ୍ତ ଚିଠୀପତ୍ର ଓ ଟଙ୍କା ଇତ୍ୟାଦି ଶ୍ରୀ ଗୌରୀଶଙ୍କର ରାଏ ମେନେଜରଙ୍କର ନିକଟକୁ ପଠାଇବାକୁ ହେବ ।

ସହର କଟକ ଆଲମଚାନ୍ଦ ବଜାର କଟକ ପ୍ରିଣ୍ଟିଂ କମ୍ପାନିର ଯନ୍ତ୍ରର ଛାପାରେ ମୁଦ୍ରିତ ହୋଇ ପତ୍ରିକାର ଅଧିକାରୀଙ୍କ ସକାଶେ ପ୍ରଚାର କରାଗଲା ।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସପ୍ତାହିକ ସମ୍ବାଦପତ୍ରିକା

ଖ ୧ ଗ
୧୧ ସଂଖ୍ୟା

ତା ୧୩ ଇଖ ମାହେ ଅକ୍ଟୋବର
ସନ ୧୮୬୬ ମସିହା ମୁଁ ଦ ୨୯ନ
ଆଶ୍ୱିନ ସନ ୧୨୭୪ ସାଲ
ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫
ବର୍ଷାନ୍ତେ ମୂଲ୍ୟ ଦେଲେ ଟ ୬
ଡାକମାସୁଲ ବ ୧ ର୍ଷକୁ ଟ ୩।

## ଆଭ ସଂବାଦ

ଆଗତ ସପ୍ତାହରେ ଦୁର୍ଗାପୂଜା ହେବ ଏ ପର୍ବ ସର୍ବ ସାଧାରଣଙ୍କ ଆନନ୍ଦ ସମୟ ପୁରାତନ କାଳରେ ଯଦ୍ୟପି କି ଉତ୍କଳ ଦେଶରେ ଏ ପର୍ବର ବିଶେଷ ମହତ୍ତ୍ୱ ଥିବାର ଜଣାଯାଉ ନାହିଁ । ବଙ୍ଗ ଦେଶସ୍ଥ ଲୋକମାନେ କ୍ରମେ ଏଠାରେ ଆସି ବସତି କରି ପ୍ରତିମା ନିର୍ମାଣ ପୂର୍ବକ ଅତି ସମାରୋହରେ ପୂଜା କରିବାରୁ ଇଦାନି ଉତ୍କଳସ୍ଥ ସମସ୍ତ ଲୋକ ସମଷ୍ଟିରେ ଏ ସମୟକୁ ଅତ୍ୟନ୍ତ ସୁଖକର ଜ୍ଞାନ କରନ୍ତି । ସରକାରୀ କର୍ମଚାରୀଙ୍କ ପ୍ରତି ଏ ସମୟ ବିଶେଷରେ ଆନନ୍ଦନୀୟ । ମଫସଲର ନାନାସ୍ଥାନରୁ ଲୋକମାନେ ଆପଣା ଉଦର ପୋଷଣାର୍ଥେ ସଦରସ୍ଥ କୌଣସି ସରକାରୀ ମହକୁମାରେ ଯେଉଁମାନେ କର୍ମ କରନ୍ତି ସେମାନେ ଗବର୍ଣ୍ଣମେଣ୍ଟଙ୍କ ସୁବିବେଚନାରୁ କେତେକ ଦିନ ଅବସର ପାଇ ବର୍ଷାନ୍ତେ ଆପଣା ଆପଣା ଘରକୁ ଫେରିଯାଇ ସ୍ତ୍ରୀ ପୁତ୍ର ଓ ବନ୍ଧୁ କୁଟୁମ୍ବାଦିର ମୁଖ ଦର୍ଶନ ଓ ସେମାନଙ୍କ ସହିତ ଏକତ୍ରରେ ବାସ କରିବାରେ ଯେ ଅନୁପମ ସୁଖ ଭୋଗ କରନ୍ତି ତାହା କୌଣସି ବର୍ଣ୍ଣନା ଦ୍ୱାରା ବ୍ୟକ୍ତ ହେବାର ନୁହଇ । ମାତ୍ର ଅନୁଭବି ଲୋକମାନେ ତାହା ସହଜରେ ବୁଝିବେ । ଏତାଦୃଶ ଉତ୍ସବ ସମୟରେ କି ଧନି କି ଦରିଦ୍ର ସମସ୍ତେ ଆପଣା ଆପଣା ବ୍ୟବସାୟରୁ ନିତାନ୍ତରେ ଦିନେ ଅବସର ଗ୍ରହଣ କରି ଯେ ଯାହାର ସାଧ୍ୟାନୁସାରେ ଅନେକ ଅର୍ଥ ବ୍ୟୟ କରି ନାନାପ୍ରକାର ଆନନ୍ଦ ପ୍ରମୋଦରେ କାଳ କ୍ଷେପଣ କରନ୍ତି । ତେବେ ପାଠକ ମହାଶୟଙ୍କର ସୁଖ ବର୍ଦ୍ଧନ କରିବା ଆମ୍ଭମାନଙ୍କର ବ୍ୟବସାୟ କରିଅଛୁଁ । ଓ ସେମାନେ ଆପଣା ଆପଣା କର୍ମରେ କ୍ଳାନ୍ତ ହୋଇ ଯେତେବେଳେ ବିଶ୍ରାମ ଆବଶ୍ୟକ କରନ୍ତି ସେତେବେଳେ ଆମ୍ଭେମାନେ ଯଥାସାଧ୍ୟ ନିଜ କର୍ମରେ ଉପସ୍ଥିତ ହୋଇଅଛୁଁ । ମାତ୍ର ଏ ସମୟରେ ଅତ୍ରସ୍ଥ ମନୁଷ୍ୟମାନେ ଅଧିକ ସୁଖାନୁଭବ ନିମନ୍ତେ

Digitized by srujanika@gmail.com

Split by PDF Splitter



ଯେ ବୃହତ୍ ଆୟୋଜନ ମାନ କରୁଅଛନ୍ତି ତାହା ଦର୍ଶନରେ ଆମ୍ଭେମାନେ ପୁଲକିତ ହୋଇ ତାହାଙ୍କୁ କୌଣସି ପ୍ରକାର ବାଧା ଦେବାକୁ ମନସ୍ଥ ନ କରି ଏହି ଆଶା କରୁଁ ଯେ ସେମାନେ ନିର୍ବିଘ୍ନ ରୂପେ ଆନନ୍ଦଲାଭ କରନ୍ତୁ । ଆମ୍ଭେମାନେ ମଧ୍ୟ ଏକ ସପ୍ତାହ ବିଶ୍ରାମ ଭୋଗ କରୁଁ ।

---

## ଦୁର୍ଭିକ୍ଷ ଓ ଶ୍ରୀଯୁତ କର୍ଣ୍ଣେଲ ସାହେବ

ଆମ୍ଭମାନଙ୍କର କଲେକ୍ଟର ଶ୍ରୀଯୁତ କର୍ଣ୍ଣେଲ ସାହେବଙ୍କ ଉପରେ ଗବର୍ଣ୍ଣମେଣ୍ଟ ଯେ ଗୁରୁତର ଦଣ୍ଡବିଧାନ କରିଅଛନ୍ତି ତାହା ଆମ୍ଭେମାନେ ଗତ ପତ୍ରିକାରେ ପ୍ରକାଶ କରିଅଛୁଁ । ଏଥିର କାରଣ ଏହି ଯେ ଶ୍ରୀଯୁକ୍ତ ମେକନଲ୍ ସାହେବ ଖାସ କଲଟର ଯାହାଜରୁ ଚାଉଳ ଉଠାଇବା ଓ ବନ୍ଦରଠାରୁ ଜିଲ୍ଲାର ନାନାସ୍ଥାନକୁ ଯିବାର କର୍ମମାନ ଦେଖି ଆସି ଶ୍ରୀଯୁତ କମିସ୍ନରଙ୍କ ନିକଟରେ ରିପୋର୍ଟ କରନ୍ତି ଓ କମିସ୍ନର ସାହେବ ସ୍ୱୟଂ ଏନଗରରୁ ଅନୁଷ୍ଠାନମାନ ଦୃଷ୍ଟି କରି ସେ ବିଷୟର ରିପୋର୍ଟ ଓ ମେକନଲ ସାହେବଙ୍କ ରିପୋର୍ଟ ଏକାବେଳେ ବୋର୍ଡ଼କୁ ପଠାନ୍ତି । ଏ ରିପୋର୍ଟମାନଙ୍କରେ ଚାଉଳ ଉଠାଇବା ଓ ଚାଲାଣ ଓ ଅନ୍ୟାନ୍ୟ କର୍ମ ଇତ୍ୟାଦିରେ କଲଟର ସାହେବଙ୍କ ଓ ପୁଲିସ ଓ ଡାକ୍ତର ଏମାନଙ୍କର ନିନ୍ଦା ଥିଲା । ବୋର୍ଡ଼ ରିପୋର୍ଟ ମାନ ଗବର୍ଣ୍ଣ ମେଣ୍ଟକୁ ପଠାଇ ଦେବାରେ ଶ୍ରୀଯୁକ୍ତ ଲେପ୍ଟେନାଣ୍ଟ ଗବର୍ଣ୍ଣର ସାହେବ ସାହାଯ୍ୟ କର୍ମ ଉତ୍ତମ ରୂପେ ଚଳୁ ନଥିବା ଅପରାଧରେ କଲେକଟର ସାହେବଙ୍କୁ ଦଣ୍ଡ ଦେଇ ଅଛନ୍ତି ।

ଶ୍ରୀଯୁତ କର୍ଣ୍ଣେଲ ସାହେବ ଯେ ପ୍ରକାର ପରିଶ୍ରମୀ ଓ ନ୍ୟାୟବାନ ତାହା ବର୍ତ୍ତିମାନରେ କାହାର ଅବିଦିତ ନଥିବ । ପ୍ରତିଦିନ ଦଶଘଣ୍ଟାଠାରୁ ପାଞ୍ଚଘଣ୍ଟା ପର୍ଯ୍ୟନ୍ତ ନିୟମିତ ରୂପେ କଚେରୀରେ ହାଜର ଥିବାର କାହାରିକି ଦେଖା ଯାଇନାହିଁ ବିଶେଷ ଚାଉଳ ସମ୍ପର୍କୀୟ କର୍ମରେ ସେ ଏ ରୂପ ମନଯୋଗୀ ଓ ଯତ୍ନବାନ ଯେ ପ୍ରତିଦିନ ସେ ବିଷୟରେ ଯେଯେ କର୍ମମାନ ଆବଶ୍ୟକ ତାହା ନ କରିବା ପର୍ଯ୍ୟନ୍ତ ଅନ୍ୟ କୌଣସି କର୍ମରେ ହସ୍ତ ଦିଅନ୍ତି ନାହିଁ । ଓ ଚାଉଳର ହିସାବାଦି ସମସ୍ତ ଆପଣା ହସ୍ତରେ ରଖନ୍ତି ମାତ୍ର କି ଆଶ୍ଚର୍ଯ୍ୟ ଯେଉଁ ଚାଉଳ କର୍ମର ସୁବିଧା ନିମନ୍ତେ ଆପଣାର ସୁଖ ସ୍ୱଚ୍ଛନ୍ଦାଦି ସର୍ବସ୍ୱ ତ୍ୟାଗ କରିଥିଲେ ସେହି ଚାଉଳ ତାହାଙ୍କୁ ଅକାରଣ ଯତ୍ପରୋନାସ୍ତି ଅପମାନ ଓ ଦଣ୍ଡ ଦିଆଇଲା । ସାହାଯ୍ୟ କର୍ମ ଯେ ଉଚିତ ପରିମାଣରେ ହୋଇନାହିଁ ଏହା ସମସ୍ତେ ସ୍ୱୀକାର କରୁଅଛନ୍ତି ଓ ମଧ୍ୟ ଦେଶର

Digitized by srujanika@gmail.com

Split by PDF Splitter



ଅବସ୍ଥାରୁ ତହିଁର ଯଥେଷ୍ଟ ପରିଚୟ ପ୍ରାପ୍ତ ହେଉଅଛୁ ମାତ୍ର ଏ ରୂପ କଦାଚ ବୁଝାଯାଇ ନ ପାରେ ଯେ କଲେକ୍ଟର ସାହେବଙ୍କ ଅମନ ଯୋଗତା କି ଅନୁପଯୁକ୍ତତା ହେତୁରୁ ଏସବୁ ଘଟିଅଛୁ । ସାହାର୍ଯ୍ୟ ଯଥେଷ୍ଟ ପରିମାଣରେ ନ ହେବାର କାରଣ ଭିନ୍ନ ଅଛୁ ଓ ତାହା ଆମ୍ଭେମାନେ ଏ ପ୍ରସ୍ତାବରେ ଲେଖିବାର ଆବଶ୍ୟକ ବିବେଚନା କରୁନାହୁଁ । ପୃଥକ ରୂପେ ଯେ ବିଷୟର ଆଲୋଚନା କରିବୁ ମାତ୍ର ଅନ୍ୟ କୌଣସି ବ୍ୟକ୍ତି କର୍ଣ୍ଣେଲଙ୍କ ଅବସ୍ଥାରେ ଥିଲେ ସେ ଅଧିକ ଭଲ କରନ୍ତା ଏହା ଆମ୍ଭମାନଙ୍କୁ ବିଶ୍ୱାସ ହେଉନାହିଁ । କାରଣ କର୍ଣ୍ଣେଲ ସାହେବ କମେଟୀର ଉପଦେଶ ଓ ବିଧିର ମତେ ପ୍ରଥମରେ ଚାଉଳ ଉତ୍ତାରିବା ଓ ଚାଉଳ କିଣିବାର ବନ୍ଦୋବସ୍ତ ନ କରନ୍ତି । ସେ କମେଟିରେ ଏ ନଗରର ବିଶେଷ ଧନୀ ଲୋକମାନେ ଅଛନ୍ତି । ବିଶେଷରେ ଇରିଗେସନ୍ କମ୍ପାନିର କର୍ମଚାରୀମାନେ ଶ୍ରୀଯୁକ୍ତ ଫ୍ରେସାଞ୍ଜ ସାହେବ ଆପଣା ଆପଣା ବ୍ୟବସାୟ ହେତୁରୁ ଏ ଦେଶ ମଧ୍ୟରେ ବନ୍ଦରର ଅବସ୍ଥାରୁ ସର୍ବାପେକ୍ଷା ଅଧିକ ଜାଣନ୍ତି ସେମାନଙ୍କଠାରୁ ସମ୍ପୂର୍ଣ୍ଣ ସାହାର୍ଯ୍ୟ ଗ୍ରହଣ କରିଅଛନ୍ତି । ଏ ସମସ୍ତ କାଳରୁ ଯେବେ କର୍ମର ଶୃଙ୍ଖଳା ନହେଲା ତେବେ ତାହା ଅନାୟତ୍ତ ବୋଲି ଅବଶ୍ୟ ଜ୍ଞାନ କରିବାକୁ ହେବ । ଫଳତଃ ଶ୍ରୀଯୁକ୍ତ କର୍ଣ୍ଣେଲ ସାହେବ ଯେବେ ଯତ୍ନ ନ କରିଥାନ୍ତେ ତେବେ କି ଏ ରୂପ ହୋଇଥାନ୍ତା ? ପ୍ରଥମେ ଜୁନ ମାସରେ ଯେ ସମୟରେ ଚାଉଳ ବନ୍ଦରଠାରେ ପ୍ରବେଶ ହେଲା । ସେ ସମୟରୁ ଆଜି ପର୍ଯ୍ୟନ୍ତ କେତେ କର୍ମର ସୁଯୋଗ ହୋଇଅଛି ତାହା ସମସ୍ତେ ବିବେଚନା କରିଥିବେ । ବନ୍ଦରଠାରେ ମାଲ ଉତାରିବାର ଯେତେ କଷ୍ଟ ଓ ନୌକା ଇତ୍ୟାଦି ଏତେ ବୃହତ କର୍ମ ସକାଶେ ଯେପରି ଅପ୍ରାପ୍ତ ତାହା ଯେଉମାନେ ଜାଣନ୍ତି ସେମାନେ ଅବଶ୍ୟ କହିବେ ଯେ ପୂର୍ବାପେକ୍ଷା ଏବେ ବହୁତ ସୁଫଳ ହୋଇଅଛି । ଓ ଏପରି ହେବା କି କଲେକ୍ଟର ସାହେବଙ୍କ ଯତ୍ନ ଓ ମନ ଯୋଗର ପ୍ରମାଣ ନୁହଇ ? ସାଧାରଣ ସମୟରେ କଲେକ୍ଟରଙ୍କୁ ସାହାଯ୍ୟ କରିବା ସକାଶେ ଯେତେ ଜଣ ଡିପୋଟି ଓ ଆସିଷ୍ଟାଣ୍ଟ ଥିଲେ ବର୍ତ୍ତମାନ ଚତୁର୍ଗୁଣେ କର୍ମ ବଢ଼ିଥିବା ପ୍ରତ୍ୟକ୍ଷେ ଜଣେ ଅତିରିକ୍ତ ହାକିମ ସୁଦ୍ଧା ଗବର୍ଣ୍ଣମେଣ୍ଟ ପଠାଇ ନାହାନ୍ତି, ଏ ସ୍ଥଳେ ଯେବେ କର୍ଣ୍ଣେଲ ସାହେବ ନିତାନ୍ତ କ୍ଷୁଦ୍ର କ୍ଷୁଦ୍ର କଥାମାନଙ୍କର ତତ୍ତ୍ୱାବଧାରଣ କରିବାକୁ ଅବକାଶ ନପାଇ ପୁଲିସ ଓ ଉପଯୁକ୍ତ ଭାରପ୍ରାପ୍ତ କର୍ମଚାରୀଙ୍କ ଉପରେ ନିର୍ଭର କଲେ ତେବେ ଏଥିରେ କି ତାଙ୍କର ନିତାନ୍ତ ଦୋଷ ହେଲା ଆମ୍ଭେମାନେ କଲେକ୍ଟର ସାହେବଙ୍କ ପ୍ରତି ପକ୍ଷପାତ କରୁନାହୁଁ କିମ୍ବା କ୍ଷୁଦ୍ର ବିଷୟମାନ ଯେ ତାଙ୍କର ତତ୍ତ୍ୱ କରିବାର ନୁହଇ ଏହା ମଧ୍ୟ କହୁନାହୁଁ କିନ୍ତୁ ଅବସ୍ଥା ଉପରେ ବିବେଚନା କଲେ ତାଙ୍କର ଗୃଗ ନଥିଲା ଯେବେ କଟକରର କର୍ମରେ ସାହାଯ୍ୟ କରିବାକୁ କେହି ଜଣେ ଥାନ୍ତା ତେବେ ସେ ଅଧିକ ତତ୍ତ୍ୱାବଧାରଣ କରି ପାରନ୍ତେ ସନ୍ଦେହ ନାହିଁ । ନିତ୍ୟ କର୍ମ କରୁ କରୁ ତ ତାହାଙ୍କର ଦିବାରାତ୍ର ଗତହେଲା ସେ ନୂତନ ନୂତନ ସୁଯୋଗ ବିଧିର କେଉଁ ସମୟରେ କରନ୍ତେ ।

Digitized by srujanika@gmail.com

ଯେ ଯାହା ହେଉ ଶ୍ରୀଯୁକ୍ତ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କ ବିବେଚନାରେ ଆମ୍ଭେମାନେ ଅତ୍ୟନ୍ତ ବିସ୍ମିତ ହୋଇଅଛୁଁ । କମିସ୍ନର ହାଣ୍ଡେବ ମେକଞ୍ଜିଲା ସାହେବଙ୍କଠାରୁ କେତେକ କଥା ଶୁଣି ଓ ସ୍ୱୟଂ ଅନୁସନ୍ଧାନମାନଙ୍କରେ କେତେକ ଅବ୍ୟବସ୍ଥା ଦେଖି ସେ ସମସ୍ତ ସଂଶୋଧନ ନିମନ୍ତେ କଲେକ୍ଟରଙ୍କୁ ଆଜ୍ଞା ଦେଇ ବୋର୍ଡ଼କୁ ଉକ୍ତ ବିଷୟମାନ ଜଣାଇଲେ । ବୋର୍ଡ଼ ସେଥିରେ ଯଦ୍ୟପି କଲେକ୍ଟରଙ୍କୁ କିଞ୍ଚିତ ଦୋଷୀ କଲେ ମାତ୍ର କର୍ମ କଠିନ ଥିବା ବିଚାରରେ ଅନ୍ୟ ଜଣେ ଯଏଣ୍ଟ କଲେକ୍ଟର ଓଡ଼ିଶାର ପ୍ରତି ଜିଲାକୁ ପଠାଇବା କାରଣ ଗବର୍ଣ୍ଣମେଣ୍ଟକୁ ଉକ୍ତ ବିଷୟମାନ ଲେଖିଲେ ମାତ୍ର ଗବର୍ଣ୍ଣମେଣ୍ଟ ସେ ସବୁରୁ କଲେକ୍ଟରଙ୍କୁ ସମ୍ପୂର୍ଣ୍ଣ ଦୋଷିକର ତାହାଙ୍କର ଉତ୍ତରର ଆବଶ୍ୟକ ନ ଦେଖି ଏକାବେଳକେ ଦଣ୍ଡବିଧାନ କଲେ । ଏଥିରୁ ଆଉ ଅଧିକ ଅବିଚାର କି ଅଛି ? ବାସ୍ତବରେ ଉକ୍ତ ରିପୋର୍ଟମାନଙ୍କର ଏ ରୂପ ଫଳ ହେବାର କେହି ଜ୍ଞାନ କରି ନଥିଲେ ଓ ଆମ୍ଭମାନଙ୍କର ବିଶ୍ୱାସ ହେଉଅଛି ଯେ ଯଦ୍ୟପି କମିସ୍ନର ଏ ରୂପ ଫଳ ହେବାର ଜାଣି ପାରନ୍ତେ ତେବେ ସେ କଦାଚ ଉକ୍ତ ରିପୋର୍ଟ ବୋର୍ଡ଼କୁ ପଠାଇ ନଥାନ୍ତେ । ସେହିମାସରୁ ସାହାଯ୍ୟ କର୍ମ ଆରମ୍ଭ ହେଲା ମାତ୍ର ସିପ୍ତେମ୍ବର ମାସରେ କମିସ୍ନର ତଦାରଖ କରି ରିପୋର୍ଟ କରନ୍ତି, ସେ ଯେବେ ପୂର୍ବରୁ ତଦାରଖ କରି ତହିଁର ପ୍ରତୀକାର କରିଥାନ୍ତେ ତେବେ ଅନେକକାଳରୁ ସେ ଛିଦ୍ରମାନ ରୁଦ୍ଧ ହୋଇଥାନ୍ତା ଓ କଲେକ୍ଟର ସାହେବ ଯେ ପ୍ରାଣ ପଣରେ ତାହାଙ୍କ ଆଜ୍ଞାମାନ ପ୍ରତି ପାଳନ କରୁଅଛନ୍ତି ସେଥିରେ ପ୍ରମାଣ ଆବଶ୍ୟକ ନରଖଇ । ମାତ୍ର ଗବର୍ଣ୍ଣମେଣ୍ଟ ତାହା ବିଚାର ନ କରି କଲେକ୍ଟରଙ୍କ ଉପରେ ସମସ୍ତ ଦୋଷ ସ୍ଥାପନ କରିଅଛନ୍ତି ଓ ଶତଗୁଣ ଗୁରୁତର ଦଣ୍ଡବିଧାନ କରିଅଛନ୍ତି । ହା ! କି ଅଚିନ୍ତନୀୟ ଦୁର୍ଘଟଣ ! କି ଭୟଙ୍କର ବିଚାର ! ପ୍ରପଞ୍ଚ ଶୃଙ୍ଖଳ କି ବର୍ତ୍ତମାନ କାଳରେ ସମ ଭାବରେ ସମସ୍ତଙ୍କୁ ହତବୃଦ୍ଧି କରୁଅଛି । ଆମ୍ଭେମାନେ ଭରସା କରୁ ଯେ ଗବର୍ଣ୍ଣମେଣ୍ଟ ପୁନର୍ବିଚାର କରି କର୍ଣ୍ଣେଲ ସାବେବଙ୍କୁ ଦଣ୍ଡରୁ ମୁକ୍ତ କରିବେ ।

---

## ସାହାଯ୍ୟ ବ୍ୟବସ୍ଥା

ଏଥି ପୂର୍ବ ସାହାଯ୍ୟ କର୍ମର ସୁଶୃଙ୍ଖଳ ନ ହୋଇଥିବାରୁ ଦୁଃଖୀଙ୍କର ଯେ ରୂପ କଷ୍ଟ ହୋଇଥିଲ ମାତ୍ର ବର୍ତ୍ତମାନ ସେ ସମସ୍ତ ନିବାରଣ ହୋଇଥିବାର ଦେଖାଯାଏ । ସମ୍ପ୍ରତିରେ ଦୁଃଖୀମାନଙ୍କ ପ୍ରତି ଯେ ରୂପ ମନୋଯୋଗ ହୋଇଅଛି ତାହା ଯେତେରେ ପ୍ରଶଂସନୀୟ । ଆମ୍ଭେମାନେ ସ୍ୱ ଚକ୍ଷୁରେ ହିନ୍ଦୁ ଦୁର୍ଭିକ୍ଷ କାଳକଙ୍କ

Split by PDF Splitter

Digitized by srujanika@gmail.com

ରକ୍ଷା ସ୍ଥାନ ଓ ଗଙ୍ଗାମନ୍ଦିରସ୍ଥ କାରଖାନା ଘର ଦେଖି ସାତିଶୟ ଆନନ୍ଦ ଲାଭ
କରିଅଛୁଁ । ବାଳକ ରକ୍ଷା ସ୍ଥାନରେ ପ୍ରଥମରେ ଅନେକ ବାଳକ ଜମି ଥିଲେ ମ.ଣ
କେତେକ ବାଳକ ସ୍ୱେଚ୍ଛାପୂର୍ବକ ପଳାଇ ଯିବାରୁ ବର୍ତ୍ତମାନ —ଜଣବାଳକ ଅଛନ୍ତି ।
ଏମାନଙ୍କର ପ୍ରତିପାଳଣ ଉତ୍ତମରୂପେ ହେଉଅଛି ଓ ପିଲାମାନେ ପ୍ରାୟ ସମସ୍ତେ
ଭଲ ଥିବାର ତାଙ୍କ ଆକାର ଓ କଥା ବାର୍ତ୍ତାରୁ ଜଣାଗଲା । କାରଖାନା ଘରେ
ଦେଖିଲୁଁ ଯେ ଅନେକ ହିନ୍ଦୁ ଓ ମୁସଲମାନ ସ୍ତ୍ରୀ ସୁତାକଟା ଓ କପା ପିଞ୍ଜିବା
ଇତ୍ୟାଦି କର୍ମରେ ନିଯୁକ୍ତ କ୍ତ ଅଛନ୍ତି । କାରଖାନା ଗୃହମାନ
ପରିଷ୍କାର ଅଛି ଓ ବୁଣକରମାନେ ସାବଧାନ ପୂର୍ବକ କର୍ମ କରୁଥିବାର ଲକ୍ଷଣମାନ
ଦେଖାଯାଏ । କପାମଞ୍ଜି ଛଡ଼ାଇବାଠାରୁ ଲୁଗା ପ୍ରସ୍ତୁତ କରିବାର ବ୍ୟବସାୟ
ସର୍ବାପେକ୍ଷା ଅଳ୍ପ ଲାଭ କର ଓ ଏଥିର ଉତ୍ପନ୍ନରୁ ବ୍ୟବସାୟୀଙ୍କର ଭରଣପୋଷଣ
ହୋଇ ନପାରେ ତନ୍ତିମାନେ ଯେ ଦୁର୍ଭିକ୍ଷରେ ସର୍ବାଗ୍ରରେ କଷ୍ଟ ପାନ୍ତି ସେଥିର
ମଧ୍ୟ ଏହି କାରଣ ଅଟଇ । ଲୁଗା କର୍ମଛଡ଼ା ଟୋକାଇ ଓ ସୂତା ଓଗେର ପ୍ରସ୍ତୁତ
କରି କେତେକ ଲୋକ ସାହାଯ୍ୟ ପାଉଅଛନ୍ତି ମାତ୍ର ଏହାଙ୍କ ସଂଖ୍ୟା କମ୍
ଅଛି ।

ଆମ୍ଭେମାନେ ଜ୍ଞାତ ହୋଇଅଛୁଁ ଯେ ଏ ସମସ୍ତ ସାହାଯ୍ୟ ଉପାୟ ଶ୍ରୀଯୁକ୍ତ
କଲୁଁଡ଼ ସାହେବଙ୍କ ଉଦ୍ୟୋଗରେ ହୋଇଅଛି । ଓ ସାହେବ ମଧ୍ୟ ଏ ସମସ୍ତ ସ୍ଥାନ
ସ୍ୱୟଂ ତତ୍ତ୍ୱାବଧାରଣ କରନ୍ତି ଓ ଦେଶୀୟ ମେମ୍ବରଙ୍କଠାରୁ ଏଥିରେ ସାହାଯ୍ୟ
ପାଆନ୍ତି । ଏ ସବୁର କର୍ମ ସକାଶେ ସାହେବ ପ୍ରଶଂସିତ ସର୍ବସାଧାରଣଙ୍କ ପ୍ରଶଂସାର
ପାତ୍ର ଅଟନ୍ତି । ଏହା ଏ ଉଦ୍ୟୋଗମାନ ଆହୁରି ପୂର୍ବରୁ ହୋଇଥିଲେ କେତେ
ଲୋକଙ୍କର ଉପକାର ହୋଇଥାନ୍ତା ।

ବର୍ତ୍ତମାନରେ ସହରର ସଫିଲ ଏ ପ୍ରକାର ହୋଇଅଛି । ମେନେଜଟ
ସାହେବଙ୍କୁ ଉଚିତ ଯେ ଏଥର ମଫସଲ ପ୍ରତି ଅଧିକ ଯତ୍ନବାନ ହେବେ । ମଫସଲ
ବାସୀଙ୍କ ଅବସ୍ଥା ଅତିଶୟ ମନ୍ଦ ହୋଇଅଛି ଓ ଯଦ୍ୟପି କ ନାନା ସ୍ଥାନରେ
ସାହାଯ୍ୟ ସ୍ଥାନ ସ୍ଥାପନ ହୋଇଅଛି ମାତ୍ର ନାନା କାରଣରୁ ତାଦୃଶ ଉପକାର
ହେଉନାହିଁ । ସବଂଝରେ ମଫସଲ ସାହାଯ୍ୟ ସ୍ଥାନ କର୍ମଗୃହୀଙ୍କର ଦୁଷ୍ଟଚରିତା
ଶୁଣାଯାଏ ମାତ୍ର ଆଶ୍ଚର୍ଯ୍ୟ ଯେ ଅବଧି ଏକଜଣ ସୁଧା ଆଇନାନୁସାର ଦୋଷୀ
ହୋଇନାହିଁ । ଏଥିରୁ ବୋଧ ହୁଅଇ ଯେ ସେମାନଙ୍କ ଉପରେ ଉପଯୁକ୍ତରୂପେ
ତଦାରଖ ହେଉନାହିଁ । ଅଥବା ଲୋକମାନଙ୍କୁ ଯଥେଷ୍ଟ ପରିମାଣରେ ସାହାଯ୍ୟ
ଦେବାର ଉପାୟ ହୋଇ ନ ଥିବାରୁ ସେମାନେ କର୍ମଗୃହୀଙ୍କୁ ଦୋଷୀ କରୁଅଛନ୍ତି ।
ଯାହାହେଉ ଉଭୟ ଅବସ୍ଥାରେ ସାହାଯ୍ୟ କମେଟୀର ମଫସଲ ପ୍ରତି ବିଶେଷ

Digitized by srujanika@gmail.com

Split by PDF Splitter



ମନୋଯୋଗର ଆବଶ୍ୟକ ହୋଇଅଛି । ଏପରି ସାଧାରଣ କର୍ମେ ସକାଶେ ମଫଂସଲରେ ଆହୁରି ଦୁଇଗୁଣ ସ୍ଥାନ ନିଯୁକ୍ତ କଲେ ଅନେକ ଉପକାର ହେବ ଓ ସର୍ବଦା କଟକକୁ ମଫସଲର ଲୋକ ନ ଆସିଲେ କଟକର ଖର୍ଚ୍ଚ ମଧ୍ୟ ବଞ୍ଚିବ ।

## ସାପ୍ତାହିକ ସମ୍ବାଦ

ବୀରଭୂମର ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀଯୁକ୍ତ ଡବଲିଉ ବି. ଓଲଡାମ ସାହେବ କଟକର ଅସିଷ୍ଟାଣ୍ଟ କଲେକ୍ଟର ଓ ମେଜେଷ୍ଟର ପଦରେ ନିଯୁକ୍ତ ହୋଇ ଏଠାରେ ପ୍ରବେଶ ହୋଇଅଛନ୍ତି । ଏହାଙ୍କ ଆସିବାରେ କଟକ କଲେକ୍ଟର ସାହେବଙ୍କର ଅନେକ ସାହାଯ୍ୟ ହେବ । ଗର୍ଡ଼ନ ସାହେବ ନାମକ ଆହୁରି ଏକ ଅସିଷ୍ଟାଣ୍ଟ ଏଠାକୁ ଆସିବାର ସମ୍ବାଦ ପାୟା ଯାଇଅଛି ।

ବାଲେଶରର ଡାକ୍ତରସାହେବ କଟକକୁ ବଦଳି ହେବାରେ ତାଙ୍କ ସ୍ଥାନରେ ଡାକ୍ତର ବି ବି. ଫୋର୍ଡ ସାହେବ ନିଯୁକ୍ତ ହୋଇଅଛନ୍ତି ।

କଲିକତା ଗେଜେଟରୁ ପ୍ରକାଶ ଯେ ଗଲାତ ସନ ଜନଓରୀ ମାସ ତା୧ ରିଖଠାରୁ ସିପ୍ରମ୍ବର ମାସ ତା୩୦ ରିଖ ପର୍ଯ୍ୟନ୍ତ ପ୍ରାୟ ୫୮ ଇଞ୍ଚ ବର୍ଷା ହୋଇଅଛି । ଗତବର୍ଷ ଏହି ତାରିଖମାନଙ୍କ ମଧ୍ୟରେ ୬୧ ଇଞ୍ଚ ବର୍ଷା ହୋଇଥିଲା । ଏ ରୂପେ ବୋଧ ହେଉଅଛି ଯେ ଅବଧି ଗତବର୍ଷ ପରି ବର୍ଷା ହୋଇନାହିଁ । ମାତ୍ର ଏଥିର କାରଣ ଏହି ଯେ ପ୍ରତି ବର୍ଷ ହାରାହାରି ଯେ ପରିମାଣରେ ଜଳବୃଷ୍ଟି ହୁଅଇ ଗତବର୍ଷ ମଧ୍ୟ ସେହିପରି ହୋଇଥିଲା କେବଳ ଅସମୟରେ ତାହା ହେବାରୁ ଅର୍ଥାତ୍ ମଇମାସଠାରୁ ଅଗଷ୍ଟ ପର୍ଯ୍ୟନ୍ତ ବର୍ଷା ହୋଇ ତଦୁତ୍ତରୁ ତିନିମାସ ବିନ୍ଦୁ ମାତ୍ର ପତନ ନ ହେବାରୁ ଏତାଦୃଶ ଦୁର୍ଭିକ୍ଷ ହୋଇଅଛି ।

ଶ୍ରୀଯୁକ୍ତ କର୍ଣ୍ଣେଲ ସାହେବଙ୍କୁ ପ୍ରତି ଗବର୍ଣ୍ଣମେଣ୍ଟ ଯେ ରୂପ ଅନ୍ୟାୟ କରି ଅଛନ୍ତି ସେଥିରେ ସ୍ୱଦେଶୀ ଓ ବିଦେଶୀ ସମସ୍ତେ ସମଭାବରେ ଦୁଃଖିତ ହୋଇଅଛନ୍ତି । ସାହେବ ପ୍ରଶଂସିତ ସାହାଯ୍ୟ କମିଟୀର ପ୍ରେସିଡଣ୍ଟ ଅର୍ଥାତ ସଭାପତି ଅଛନ୍ତି । ମାତ୍ର ଗବର୍ଣ୍ଣମେଣ୍ଟର ଉପର ଲିଖିତ ବ୍ୟବହାର ଚୋଟ ପାଇ ସାହେବ ଉକ୍ତ ସଭାପତି କର୍ମରେ ଇସ୍ତଫା ଦେବାରୁ ଗଲାତ ମାସ ତା— ରିଖର ସାହାଯ୍ୟ କମିଟିରେ ତାହା ଆଗତ ହେବାରୁ ମେମ୍ବରମାନେ ବ୍ୟକ୍ତ କଲେ ଯେ କର୍ଣ୍ଣେଲ ସାହେବ ସୁଚାରୁ ପୂର୍ବକ କର୍ମ ନିର୍ବାହ କରୁଥିଲେ । ଅତଏବ ନ ତାହାଙ୍କ ଇସ୍ତଫା ଗ୍ରହଣ ନ କରି ତାଙ୍କୁ ଓ୍ୟ ପଦ ନେବା ସକାଶେ ସାହେବଙ୍କୁ ପ୍ରାର୍ଥନା କରିଅଛନ୍ତି । କମିଟି ଆହୁରି

Digitized by srujanika@gmail.com

Split by PDF Splitter



ସ୍ଥିର କରିଅଛନ୍ତି ଯେ ଗବର୍ଣ୍ମେଣ୍ଟର ସବିଶେଷ ଅଭିପ୍ରାୟ ବ୍ୟକ୍ତରେ ଚିଠୀ ପ୍ରବେଶ ହେଲେ ତାହା ଦେଖିଲାରୁ ସେମାନେ ଗବର୍ଣ୍ମେଣ୍ଟଙ୍କୁ ରିପୋର୍ଟ କରିବେ । କମିଟୀ ଯେ ଏ ବିଷୟରେ ଆପଣା କର୍ତ୍ତବ୍ୟ କର୍ମ ଉତ୍ତମ ରୂପେ ଚଳାଇବାକୁ ମନସ୍ଥ କରି ଅଛନ୍ତି ଏହା ତାହାଙ୍କ ପ୍ରଶଂସା ଅଟଇ ।

କଟକ ଜିଲ୍ଲା ଦଣ୍ଡହରପୁର ପରଗଣାରେ ପୁନର୍ବାର ଏକ ଖୁନ ହୋଇଅଛି । ଜଣେ ଡାକୁ ୩ ଟଙ୍କା ମୂଲ୍ୟର ଅଲଙ୍କାର ଲୋଭରେ ୭ ବର୍ଷର ଏକ ପିଲାକୁ ମାରି ପକାଇଅଛି । ଆସାମୀ ଗିରଫ୍ତାର ହୋଇ ମେଜିଷ୍ଟ୍ରେଟଙ୍କ ସାକ୍ଷାତରେ ଏକବାର କରିଅଛି । ବୋଧ ହୁଅଇ ସାହାଯ୍ୟ କର୍ମ ମଫସଲରେ ପ୍ରକୃତ ରୂପେ ଚଳୁନାହିଁ ।

ଚଳିତ ଅକ୍ଟୋବର ମାସ ୮ ତାରିଖ ଠାରୁ ନବମ୍ବର ମାସ ୧୭ ତାରିଖ ପର୍ଯ୍ୟନ୍ତ ହାଇକୋର୍ଟ ଅପିଲ ଇତ୍ୟାଦି ବନ୍ଦ ରହିବ । ମାତ୍ର ସିପ୍ଟମ୍ବର ମାସ ୨୯ ତାରିଖ ଠାରୁ ଡିସମ୍ବର ମାସ ୩ ତାରିଖ ପର୍ଯ୍ୟନ୍ତ ଦେଓ୍ୱାନୀ ମକଦ୍ଦମା ବିଚାର କରିବା ନିମନ୍ତେ ହାକିମମାନେ ବସିବେନାହିଁ । ସିଟମ୍ବର ମାସ ୨୯ ତାରିଖ ଠାରୁ ଅକ୍ଟୋବର ୮ ତାରିଖ ପର୍ଯ୍ୟନ୍ତ ଓ ନବମ୍ବର ୧୭ ତାରିଖ ଠାରୁ ଡିସମ୍ବର ୧ ତାରିଖ ପର୍ଯ୍ୟନ୍ତ ଫଉଜଦାରୀ ଅପିଲ ଇତ୍ୟାଦି ଶୁଣିବା ନିମନ୍ତେ ଓ ଦେଓ୍ୱାନି ଓ ଫଉଜଦାରୀ ସରସରି ଦରଖାସ୍ତ ଉପରେ ଶୁଣିବା ନିମନ୍ତେ ଦୁଇଜଣ ଆବଶ୍ୟକ ଅନୁସାରେ ଏକତ୍ର କିମ୍ବା ଭିନ୍ନ ଭିନ୍ନ ବସିବେ ।

ଆମ୍ଭେମାନେ କୃତଜ୍ଞତା ପୂର୍ବକ ସ୍ୱୀକାର କରୁଅଛୁଁ ଯେ କଟକର ଦୁର୍ଭିକ୍ଷ ବର୍ଣ୍ଣନାରେ କଟକସ୍ଥ ଇଂରାଜୀ ସ୍କୁଲ ଏକଟିଂ ଦ୍ୱିତୀୟ ଶିକ୍ଷକ ଶ୍ରୀଯୁତ ବାବୁ ଗୋପାଳ ଚନ୍ଦ୍ର ହାଲଦାରଙ୍କ ରଚିତ ଏକଖଣ୍ଡ ଇଂରାଜୀ ପୁସ୍ତକ ପ୍ରାପ୍ତ ହୋଇଅଛୁ । ଏଥିରୁ ଦୁର୍ଭିକ୍ଷର ଅନେକ ପରିଚୟ ପ୍ରାପ୍ତହେବ । ପୁସ୍ତକର ସବିଶେଷ ଆମ୍ଭେମାନେ ଏ ପରେ ପ୍ରକାଶ କରିବୁଁ ।

ଏଡୁକେସନ ଗଜେଟ ଲେଖନ୍ତି ଯେ କୁଚବେହାରର ଗୁଲଆନଇହାଟି ଗ୍ରାମରେ ଗୋଟିଏ ଅଦ୍ଭୁତ ଚୋରି ହୋଇଅଛି । ସେ ଗ୍ରାମର ଫକର ମହମ୍ମଦ ନାମକ ଜଣେ ମୁସଲମାନ ଅଛି ତାହାର କେତେ କୋଠି ଧାନ୍ୟ ଥିଲା ସେଠାକାର କେତେକ ଜଣ ଦୁରାତ୍ମା ଉକ୍ତ ଧାନ ଲୁଟ୍ କରିବା ମାନସରେ ଗ୍ରହ ଗୋଟାଏ ବାଜିବା ବେଳେ ତାହାର ଗୃହରେ ପ୍ରବେଶ କରି ମୁସଲମାନକୁ ଭୟ ଦେଖାଇ ଧାନ୍ୟ ସମସ୍ତ ଅପହରଣ କରି ଚାଲିଗଲେ । ମାତ୍ର ତାହା ଦ୍ୱାରରେ ଏକଖଣ୍ଡ କାଗଜରେ ଆପଣା ଆପଣା ନାମ ସ୍ୱାକ୍ଷର କରି ଲଟକାଇ ଦେଇଗଲେ । ପ୍ରାତଃ-କାଳରେ ପ୍ରତିବାସୀମାନେ ତାହା ଘରକୁ ଆସି ଦ୍ୱାରରେ ଲେଖା ହୋଇଥିବା

Digitized by srujanika@gmail.com

Split by PDF Splitter



କାଗଜ ଦେଖି ପାଠକଲେ ସେଥିରେ ଲେଖାଥିଲା ଯେ ଆମ୍ଭେମାନେ ଏବର୍ଷ ଧାନ୍ୟା-ଭାବରେ ବହୁତ ଦୁଃଖ ପାଉ ଅଛୁଁ ଅତଏବ ଏ ଧାନ୍ୟ ସବୁ ତୁମ୍ଭଠାରୁ ଉଧାର ନେଲୁଁ ଆଗାମୀ ବର୍ଷ ଧାନ୍ୟ ହେଲେ ଆମ୍ଭେମାନେ ଏ ଋଣ ପରିଶୋଧ କରିବୁଁ । ଲେଖକ କହନ୍ତି ଏ ଗୋଟିଏ ଭଦ୍ରଲୋକ ଏଥିରେ ପୁଲିସ କି କରିବେ ଦେଖାଯିବେ ।

ଉକ୍ତ ସ୍ଥାନରୁ ଆହୁରି ଅବଗତ ହୋଇଅଛନ୍ତି ଯେ ଗୋଟିଏ ଛେଳି ଆଶ୍ଚର୍ଯ୍ୟ ରୂପ ଗୋଟିଏ ଛୁଆ ଜନ୍ମ କରିଅଛି । ସେ ଛୁଆର ଦୁଇଟା ମୁଣ୍ଡ, ଚାରି ଆଖି, ଚାରି କର୍ଣ୍ଣ ଓ ଚାରିଗୋଟି ଗୋଡ଼ ସେ ଅର୍ଦ୍ଧ ବଞ୍ଚିଅଛି ।

---

## ପ୍ରେରିତ ପତ୍ର

ବହୁ ମାନ୍ୟାସ୍ପଦ ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ ସମୀପେଷୁ···
ସବିନୟ ପୂର୍ବକ ନିବେଦନଂ—

ସମ୍ପାଦକ ମହାଶୟ ! କଟକସ୍ଥ ଜମିଦାରମାନେ ଦୁର୍ଭିକ୍ଷ ନିବନ୍ଧନ ରାଜସ୍ୱ ମାଫକାରଣ ଶ୍ରୀଯୁକ୍ତ କମିସ୍ନର ସାହେବଙ୍କଠାରେ ଯେ ଦରଖାସ୍ତ ଦଅନ୍ତି ତହିଁର ହୁକୁମ ଆପଣଙ୍କର ପତ୍ରିକାରେ ପାଠକରି ଯତ୍ପରୋନାସ୍ତି ଦୁଃଖିତ ହେଲୁଁ ୧ଃ ଏତଦ୍ୱାରା କମିସ୍ନର ସାହେବଙ୍କର ନିଷ୍ଠୁରତା ଓ ଅଦୂରଦର୍ଶିତାର ଗୁଣ ମଧ୍ୟ ଆମ୍ଭ-ମାନଙ୍କଠାରେ ଅବିଦିତ ରହିଲା ନାହିଁ । ସେ ଯାହାହେଉ ସେହି ହୁକୁମ ସମ୍ବନ୍ଧେ ଆମ୍ଭର ଯେ ବକ୍ତବ୍ୟ ଅଛି ତାହା ଲେଖୁଅଛୁଁ ।

୧ମ—ସାହେବ ହୁକୁମ କରନ୍ତି, ଯଦ୍ୟପି ନୈସର୍ଗିକ ଦୁର୍ଘଟଣା ବଶତ କୌଣସି କୌଣସି ବରଷରେ କିଛି କିଛି ରାଜସ୍ୱ ମାଫ ଦିଆଯାଏ ତାହା କେବଳ ସରକାରର ଅନୁଗ୍ରହ ମାତ୍ର । ଅତଏବ ସେହି ମାଫି ସେମାନଙ୍କର ଦଲିଲ ସରୂପ ହୋଇ ନପାରେ କାରଣ ଜମିଦାର ମାନଙ୍କର ଦତ୍ତ କବୁଲିଅତରେ ରାଜସ୍ୱ ମାଫ କଥା ଉଲ୍ଲେଖ ନାହିଁ ।

ଯଦ୍ୟପି ରାଜସ୍ୱ ମାଫ ବିଷୟ ଜମିଦାର ମାନଙ୍କର ଦତ୍ତ କବୁଲିଅତରେ ଉଲ୍ଲେଖ ନାହିଁ । ତଥାପି ଯେ ଆବହମାନକାଳ ସେମାନଙ୍କୁ ସରକାର କିଛି କିଛି ରାଜସ୍ୱ ମାଫ ଦଅନ୍ତି ସେଥି କାରଣ ଆମ୍ଭେମାନେ ଏକମନରେ ନ୍ୟାୟବାନ, ଧର୍ମପରାୟଣ, ପ୍ରଜାବତ୍ସଳ ଗବର୍ଣ୍ଣମେଣ୍ଟଙ୍କୁ ଶତ ଶତବାର ଧନ୍ୟବାଦ ପ୍ରଦାନ କରୁଅଛୁଁ ଓ ପରମେଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁଁ ଯେତେକାଳ ଆମ୍ଭମାନଙ୍କ ଭାଗ୍ୟରେ

Digitized by srujanika@gmail.com

Split by PDF Splitter



ସ୍ୱାଧୀନତା ନଘଟି ଅଛି ତେତେକାଳ ଯେମନ୍ତ ଇଙ୍ଗରାଜ ଗବର୍ଣ୍ଣମେଣ୍ଟର ପ୍ରଜା ହୋଇଥାଉଁ । ଯଦି ସାଧାରଣ କାରଣରେ ରାଜସ୍ୱ ମାଫ ପ୍ରଥା ବନ୍ଦୋବସ୍ତ ଦିନଠାରୁ ଚଳି ଆସୁଅଛି ତେବେ ଏ ବରଷରେ ରାଜସ୍ୱ ମାଫିର ଅସାଧାରଣ କାରଣ ସତ୍ତ୍ୱେ କିମ୍ପାଇଁ ରାଜସ୍ୱ ମାଫ ଦିଆଯିବ ନାହିଁ ? କମିସ୍ନର ସାହେବ କି ରାଜସ୍ୱ ମାଫିର କାରଣ ବୁଝିପାରୁ ନାହାନ୍ତି ? ଦେଶସ୍ଥ ଆବାଳ ବୃଦ୍ଧବନିତାର ହାହାକାର ଧ୍ୱନି କି ତାହାଙ୍କର କର୍ଣ୍ଣ କୁହରରେ ପ୍ରବିଷ୍ଟ ହେଉନାହିଁ ? ମାଂସ ଶୂନ୍ୟ ଅସ୍ଥିଚର୍ମ ସାର କୋଟରେ ନିବେଶିତ ଚକ୍ଷୁ କି ସାହେବଙ୍କର ଦୃଷ୍ଟି ପଥରେ ପଥିକ ହେଉ ନାହାନ୍ତି ?

୨ୟ—ସାହେବ ପୁନଶ୍ଚ କହନ୍ତି ସରକାର କୋଟି କୋଟି ଟଙ୍କା ବ୍ୟୟ ସ୍ୱୀକାର ପୂର୍ବକ ଅନ୍ୟାନ୍ୟ ଦେଶରୁ ଶସ୍ୟାଦି ଆଣି ଏ ଦେଶ ଲୋକମାନଙ୍କର ପ୍ରାଣ ରକ୍ଷା କରୁଅଛନ୍ତି । ମାନ୍ୟ କମିସ୍ନର ସାହେବ ଯଦି ଶ୍ରୀମତୀ ମହାରାଣୀର ଜଣେ ମାନ୍ୟବାନ୍ ପ୍ରଧାନ କର୍ମଚାରୀ ନ ହୋଇଥାନ୍ତେ ତେବେ ଆମ୍ଭେମାନେ ତାହାଙ୍କୁ ଅବଶ୍ୟ ଅଲ୍ପଜ୍ଞଭାଷୀ ବୋଲି କହନ୍ତୁ । କାରଣ ଉତ୍କଳର ଦୁର୍ଭିକ୍ଷ ନିବାରଣ କାରଣ ଯେ ଅର୍ଥ ବ୍ୟୟ ହେଉଅଛି ତାହା କିଛି ସାଧାରଣ ଧନାଗାରରୁ ଦିଆ ଯାଉନାହିଁ । ପୂର୍ବେ ଇଙ୍ଗଲଣ୍ଡ ଉତ୍ତର ପଶ୍ଚିମାଞ୍ଚଳ ଓ ବଙ୍ଗଳା ଦେଶର ଦୁର୍ଭିକ୍ଷ ନିବାରଣ କାରଣ ଯେ ଅର୍ଥ ସଂଗ୍ରହ ହୋଇଥିଲା ତାହାର ବ୍ୟୟାବଶିଷ୍ଟ ଅର୍ଥ ଦ୍ୱାରା ଏ ଦେଶର ସାହାଯ୍ୟ କରା ଯାଉଅଛି । ସେଥିରୁ ମଧ୍ୟ ଏକକୋଟି ଟଙ୍କା ଆସିନାହିଁ । ସାହେବ କୋଟି କୋଟି ଟଙ୍କା କାହାକୁ କହନ୍ତି ? ସେହି କେମ୍ବ୍ରିଜ କି ଅକ୍ସଫୋର୍ଡ ବିଶ୍ୱ-ବିଦ୍ୟାଳୟରେ ନ ପଢିଲେ ଆମ୍ଭେମାନେ ବୁଝି ପାରୁନାହୁଁ । ଆଉ ଯେ ଦରିଦ୍ର ପ୍ରଜାମାନଙ୍କର ପ୍ରାଣରକ୍ଷା ନିମନ୍ତେ ସରକାର ଏତେ ବ୍ୟୟ ସ୍ୱୀକାର କରୁଅଛନ୍ତି । ଜମିଦାରମାନେ ସେହି ନିର୍ଧନ ପ୍ରଜାମାନଙ୍କଠାରୁ ଖଜଣା ଆଦାୟ କରି ଉପର ରାଜକୋଷର ଛିଦ୍ର ପୂରଣ କରିବେ । ପ୍ରଜାମାନଙ୍କ ହସ୍ତରେ ଅର୍ଥ ଥାଉଁ ଥାଉଁ ସେମାନେ ପ୍ରାଣ ଓ ଦେଶତ୍ୟାଗ କରୁ ଅଛନ୍ତି ଏକଥା କିଏ ହସ୍ତପଦ ବିଶିଷ୍ଟ ପ୍ରାଣୀ ସ୍ୱୀକାର କରିବ ?

୩ୟ—ହୁକୁମ "ଏ ଦେଶରେ ଏ ବରଷ ପ୍ରାୟ ଅର୍ଦ୍ଧ ଫସଲ ହୋଇ ଅଛି ଓ ତଣ୍ଡୁଲାଦି ଅତ୍ୟନ୍ତ ଦୁର୍ମୂଲ୍ୟ ହୋଇଅଛି । ସେହି ତଣ୍ଡୁଳ ବିକ୍ରୟ କରି ଜମିଦାର-ମାନେ ଅକ୍ଲେଶେ ରାଜସ୍ୱ ଆଦାୟ କରିପାରିବେ । କି ନମେଧ ଆଜ୍ଞା ! କି ଅବିଚାର ଆଦେଶ !!! ଯେ ଲୋକ ହସ୍ତରେ ଲକ୍ଷ ଲକ୍ଷ ପ୍ରଜାର ଶାସନର ଭାର ଅର୍ପିତ ଅଛି ସେ ଜାଣନ୍ତି ନାହିଁ ଯେ କ୍ଷେତ୍ରୋତ୍ପନ୍ନ ଶସ୍ୟର ଅଧିକାରୀ କିଏ ? ଯଥାର୍ଥ ଯଦି ଏ ଦେଶରେ ଅର୍ଦ୍ଧଶସ୍ୟ ହୋଇଥାଏ ତେବେ ତହିଁରେ ଜମିଦାରମାନଙ୍କର କି ଲାଭ ? ମନରେ କର ଏକ ଜମିଦାରର କ ଓ ଖ ନାମକ ଦୁଇ ମୌଜା ଅଛି । କ ମୌଜାରେ

Digitized by srujanika@gmail.com

କିଛିହିଁ ଧାନ୍ୟ ହୋଇନାହିଁ ଖ ମୌଜାରେ ସମ୍ପୂର୍ଣ୍ଣ ଧାନ୍ୟ ହୋଇଅଛି । ସୁତରାଂ ଜମିଦାର କ ମୌଜାରୁ କିଛିହିଁ ଖଜଣା ପାଇଲା ନାହିଁ ଓ ଖ ମୌଜାର ଅଧିକ ଧାନ ହୋଇଥିଲେହେଁ ସେ ସ୍ଥାନର ପ୍ରଜାମାନେ କେବଳ ସମ୍ପୂର୍ଣ୍ଣ ରାଜସ୍ୱ ଦେଲେ । ଏପରି ସ୍ଥଳେ କିପ୍ରକାର ଜମିଦାର ସମସ୍ତ ରାଜସ୍ୱ ଆଦାୟ କରିବେ ? ଯାହା ହେଉ ଆମ୍ଭେମାନେ କମିସ୍ନର ସାହେବଙ୍କୁ ଦୃଢ଼ତାର ସହିତ ଅନୁରୋଧ କରୁଅଛୁଁ ହୁଏ ଜମିଦାରମାନଙ୍କ ରାଜସ୍ୱ ମାଫ ଦେଉନ୍ତୁ ନଚେତ୍ କିଛିଦିନ କାରଣ ୧୦ ଓ ୪୫ ଆଇନ ପକେଟ ମଧ୍ୟରେ ବନ୍ଦକରି ରଖନ୍ତୁ ଜମିଦାରମାନେ ଯେ ପ୍ରକାରେ ହେଉ ରାଜସ୍ୱ ଆଦାୟ କରିବେ ସନ୍ଦେହ ନାହିଁ ।

ହେ ହତଭାଗ୍ୟ ଜମିଦାରଗଣ ତୁମ୍ଭେମାନେ କି କମିସ୍ନର ଆଖ୍ୟା ଧାରିବା ମାତ୍ରକେ ପରମ ଦୟାଳୁ ଓ ପ୍ରଜାବତ୍ସଳ ଜ୍ଞାନ କରି ଅଛ ? ନାନା ଅବଧାନମାନେ ଭୂତପୂର୍ବ କମିସ୍ନର ମହାତ୍ମା ରିକେଟ୍ସ ଓ ଶେରପର ସମସ୍ତେ ନୁହନ୍ତି । ହାୟହତ ଭାଗ୍ୟମାନେ ତୁମ୍ଭେମାନେ ଯଦି ପୂର୍ବୋକ୍ତ ମହାତ୍ମାଦ୍ୱୟଙ୍କର ପ୍ରତିମୂର୍ତ୍ତି ରଖି ତାହାଙ୍କୁ ଏହି ବିଷୟ ଜଣାନ୍ତ ତେବେ ଏ ସଚେତନ କମିସ୍ନରଙ୍କଠାରୁ ବରଞ୍ଚ ତୁମ୍ଭମାନଙ୍କ କାମନା କଳ୍ପିତ ଫଳବତୀ ହୁଅନ୍ତା ସନ୍ଦେହ ନାହିଁ । ହାୟ ହାୟ ରାଜସ୍ୱ ମାଫ ପାଇବା ପାଇଁ ତୁମ୍ଭମାନଙ୍କର ଯେ ଆଶାଲତା ଅଙ୍କୁରିତ ହୋଇଥିଲା ଏ କମିସ୍ନର କୀଟ ତାହା ସମୂଳେ ଛେଦ କଲେ । ହାୟ ! ପର ନାମରେ ତୁମ୍ଭମାନଙ୍କର ଦଶା କି ହେବ !!! ତୁମ୍ଭମାନଙ୍କର ଜୀବନ ଧାରଣ ଏକମାତ୍ର ଉପାୟ ପୈତୃକ ବୃତ୍ତି ବିନଷ୍ଟ ହେଲା ହେ ମହାତ୍ମା ରିକେଟ୍ସ ! ତୁମ୍ଭେ ଧନ୍ୟ ତୁମ୍ଭର ଦୟାଗୁଣ ଧନ୍ୟ ତୁମ୍ଭର ଜୀବନ ଧନ୍ୟ !!! ଓଡ଼ିଶାରେ କ୍ରନ୍ଦନଧ୍ୱନି ବହୁ ବିସ୍ତୃତ ମହାସମୁଦ୍ର ପାର ହୋଇ ତୁମ୍ଭର ସରଳ ଅନ୍ତଃକରଣକୁ ବ୍ୟଥିତ କରାଇଲା ମାତ୍ର ଆଶ୍ଚର୍ଯ୍ୟର ବିଷୟ ସେହି କ୍ରନ୍ଦନଧ୍ୱନି ମହାନଦୀ ପାରହୋଇ ପାରିଲା ନାହିଁ । ହେ ଜମିଦାରଗଣ ତୁମ୍ଭେମାନେ ନିରସ୍ତ ନହୋଇ ବୋର୍ଡ଼କୁ ଦରଖାସ୍ତ ପଠାଅ ଓ ଭାରତ ବର୍ଷୀୟ ସଭ୍ୟକୁ ଆପଣା ଆପଣା ଦୁଃଖ ଜଣାଅ । ଇତି ।

ବାଲେଶ୍ୱର
ତା ୨୯ ରିଖ ମାହେ ସିପ୍ଟେମ୍ବର
ସନ ୧୮୬୭ ମସିହା

ଏକାନ୍ତବଶଂବଦ
ଜଣେ ସ୍ପଷ୍ଟବାଦୀ

ସହର କଟକ ଆଲମଚାନ୍ଦ ବଜାର କଟକ ପ୍ରିଣ୍ଟିଂ କୋମ୍ପାନୀର ପଥର ଛାପାରେ ମୁଦ୍ରିତ ହୋଇ ପତ୍ରିକାର ଅଧିକାରୀଙ୍କ ସକାଶେ ପ୍ରଚାର କରାଗଲା ।

Split by PDF Splitter
Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

## ସପ୍ତାହିକ ସମ୍ବାଦ ପତ୍ରିକା

୪୧ ଭାଗ } ତା ୨୦ ଶେଷ ମାହେ ଅକ୍ଟୋବର } ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫ ।
୧୨ ସଂଖ୍ୟା } ସନ ୧୮୭୭ ମସିହା ମୁ ସ ୧୩ନ } ବର୍ଷାନ୍ତେ ମୂଲ୍ୟ ଦେଲେ ଟ ୬
କାର୍ତ୍ତିକ ସନ ୧୨୮୪ ସାଲ } ମଫସଲ ଗ୍ରାହକଙ୍କୁ ମୂଲ୍ୟ ଛଡ଼ା
ଶନିବାର ଡାକମାସୁଲ ବ ୧ ଙ୍କୁ ଟ ।୷ ।


## ଅଧସ୍ତ ହାକିମମାନେ

ଗତ ଅଗଷ୍ଟ କି ସିତମ୍ବର ମାସରେ ପ୍ରତ୍ୟେକ କଲଟରଙ୍କୁ ଗବର୍ଣ୍ଣମେଣ୍ଟ ଲେଖି ଅଛନ୍ତି ଯେ ଅଧସ୍ତ ଯେଉଁ ହାକିମମାନଙ୍କ ଉପରେ ଅବକାରୀ ଇଲକା ଭାର ଅଛି, ସେମାନେ ଅଧିକ ଆୟ ଦେଖାଇ ପାରିଲେ ପଦ ବୃଦ୍ଧି ହେବେ କିମ୍ବା ଉପରସ୍ଥ ହାକିମମାନଙ୍କର ପ୍ରିୟ ହେବେ । ଏ ଆଶାରେ ଗଞ୍ଜା ମଦ ଇତ୍ୟାଦିର ଦୋକାନ ବଢ଼ାନ୍ତି ଓ ତଦ୍ୱାରା ସାଧାରଣ ଲୋକମାନଙ୍କର ସୁଖ ବରଷର ହାନି କରନ୍ତି କି ନା ଏ ବିଷୟ ସେମାନେ ରିପୋର୍ଟ କରିବେ ଏ ବିଷୟରେ ଆମ୍ଭର କିଛି ବକ୍ତବ୍ୟ ଅଛି ।

ଏଥିରୁଏ ଅନ୍ୟ ଅନ୍ୟ ବିଷୟମାନ ଅଧସ୍ଥହାକିମମାନେ କିରୂପ ଚଳନ୍ତି ତାହା ଅନୁସନ୍ଧାନ କରିଦେଲେ ଅବକାରୀସମ୍ପର୍କରେ ତାଙ୍କର ଆଚରଣ କିଛି ବୋଧ ହୋଇପାରେ । ଅନେକ ଅଧସ୍ଥ ହାକିମମାନଙ୍କ ଏକ ବଡ଼ ଭ୍ରମ ଥାଏ ଯେ ସରକାରର ଲାଭ କରାଇଲେ ନ୍ୟାୟ କି ଅନ୍ୟାୟର କାର୍ଯ୍ୟ ହେଉଅଛି ଓ ସରକାରର ବା ଏଥିରେ କି ଇଚ୍ଛା ଏହା ସେମାନେ କ୍ଷଣମାତ୍ର ବିବେଚନା କରନ୍ତି ନାହିଁ । ବନ୍ଦୋବସ୍ତରେ ଅନେକ ଡିପୋଟି କଲଟରମାନେ କିରୂପ ଜମା ବଢ଼ାଇ ଦେଇ ଅଛନ୍ତି ତାହା ସମସ୍ତଙ୍କୁ ଜ୍ଞାତ ଅଛି । ଏଥି ନିମନ୍ତେ ଏବଂ ପ୍ରକାରେ ଅବୋଧ ଡିପୋଟିମାନଙ୍କୁ ଓ ତାଙ୍କ ପିତାପିତାମହଙ୍କୁ ପ୍ରଜା ଓ ଜମିଦାରମାନେ ଲାଟବନ୍ଦୀ ସମୟରେ ନରକକୁ ପଠାଇ ଆଆନ୍ତି । ଇନ୍‌କମ ଟେକ୍‌ସର ଆସେସରମାନେ କିରୂପ ଦୌରାତ୍ମ୍ୟ କରିଗଲେ ତାହା ଅବଶ୍ୟ ପାଠକମାନେ ବିସ୍ମରଣ କରି ନଥିବେ । ତାଙ୍କ ଦୌରାତ୍ମ୍ୟ ହେତୁରୁ ଅତି ଅଳ୍ପଦିନେ ସେମାନଙ୍କୁ ଲୋକେ ଆସେସର ନକହି ଅସୁର ନାମରେ ଡାକିଲେ । ଆୟ ବୃଦ୍ଧି କରାଇ ଉପରସ୍ଥ ହାକିମମାନଙ୍କ ପ୍ରିୟ ହେବାର ଇଚ୍ଛା

Digitized by srujanika@gmail.com

Split by PDF Splitter



ଏମନ୍ତ କି କୌଣସି କୌଣସି ସ୍କୁଲରେ ଜରିମାନା ଇତ୍ୟାଦି ଦ୍ୱାରା ସଙ୍କଳିତ ଆୟବୃଦ୍ଧି କରିବାର ପ୍ରବୃତ୍ତି ମଧ୍ୟ ଦେଖାଯାଏ । ଏମାନେ ସମସ୍ତେ ଜାଣନ୍ତି ଯେ ଆୟବୃଦ୍ଧି ଦ୍ୱାରା ସରକାରର ପ୍ରିୟ ପାତ୍ର ଆଶା ବୃଥା । ସରକାରର ଇଚ୍ଛା ଯେ ତାଙ୍କର କର୍ମଚାରୀମାନେ ନ୍ୟାୟପର ହେବେ ଓ ପ୍ରଜାମାନଙ୍କର ଯହିଁରେ ପୀଡ଼ା ହେବ ତାହା ନ କରିବେ । ସରକାରର ଯାହା ଆୟ ହୁଏ ସରକାର ଜାଣନ୍ତି ଯେ ନ୍ୟାୟ ରୂପେ ହୋଇଅଛି ଅତଏବ ଯେଉଁ ହାକିମର ସୀମା ଉକ୍ତ ଆୟର ଖରଆଏ ତାହାର କିଛୁ ଗୁଣ ନ ଦେଖନ୍ତି ଓ ତାହାର ଆୟବୃଦ୍ଧି କଲବନ୍ତ ଇଚ୍ଛା ଯଦି ପ୍ରକାଶ ପାଏ ତାକୁ ବରଂ ଦଣ୍ଡର ପାତ୍ର କରନ୍ତି ।

ଅତଏବ ଅଧସ୍ଥ ଅନେକ ହାକିମମାନଙ୍କର ଆୟବୃଦ୍ଧି କରି ସରକାରର ପ୍ରିୟ ପାତ୍ର ହେବେ ଏରୂପ ଇଚ୍ଛା ଯେଉଁଠାରେ ଅନ୍ୟାନ୍ୟ ବିଷୟମାନଙ୍କରେ ସଦାଶ୍ର ପାଉଅଛନ୍ତି ଅବକାଶ ସମ୍ପର୍କରେ ସେ ସେହିରୂପ ଇଚ୍ଛାଥିବ ଆମ୍ଭର ଏକାନ୍ତ ବିଶ୍ୱାସ ହେଉଅଛି ।

## ଗୃକର କି ଭୟାନକ ସମ୍ଭ୍ରମ (ଉଦ୍ଧୃତ)

ମନୋବୃତ୍ତିର ଉତ୍କର୍ଷ ସାଧନ ଶିକ୍ଷା କାର୍ଯ୍ୟର ଯେପ୍ରକାର ଉତ୍କର୍ଷ କର୍ମ ଶରୀରର ବଳ ଓ ତେଜ ବୃଦ୍ଧି ଏବଂ ସ୍ୱାସ୍ଥ୍ୟରକ୍ଷା ଯହିଁରେ ହୁଏ ସେସବୁ ବିଷୟର ଚର୍ଚ୍ଚା ମଧ୍ୟ ସେହି ପ୍ରକାର ପ୍ରୟୋଜନୀୟ । ଯଦ୍ୟପି ହୀନବଳତା ଅପାରଗତା ଶାରୀରିକ ରୁଗ୍ଣାବସ୍ଥା ଅଥବା ଆଳସ୍ୟ ହେତୁ ମନୁଷ୍ୟ ଅକର୍ମଣ୍ୟ ହୁଏ । ତେବେ ତାହା ଉତ୍କୃଷ୍ଟ ବିଦ୍ୟା ବୁଦ୍ଧି ସ୍ମରଣ ଶକ୍ତି ମାର୍ଜିତ ଅବସ୍ଥାରେ ଥିଲେ କି ଫଳ ଜନ୍ମିପାରେ । ଶାରୀରିକ ଚେଷ୍ଟାକୁ ଏ ଦେଶରେ ଲୋକମାନେ ସମ୍ଭ୍ରମନାଶକ ଓ ଅଭଦ୍ରତାର ଚିହ୍ନ ବୋଲି ଜ୍ଞାନ କରନ୍ତି ସଦାସର୍ବଦା ଅଚଳ ପଦାର୍ଥପରି ଉପବେଶନ ବା ଶୟନ କରିବା ଓ ଖଞ୍ଜପରି ହସ୍ତପଦାଦି ସଞ୍ଚାଳନ ରହିତ ହେବା ଅଥବା କର୍ମକୁ ବ୍ୟଗ୍ରସ୍ୱରୂପ ଭୟ କରିବା ଓ ସୂର୍ଯ୍ୟର ଉତ୍ତାପ ଓ ବାହାରର ବାୟୁକୁ ପୀଡ଼ାର ଆକର ମନେ କରିବା ସମ୍ଭ୍ରମର ଲକ୍ଷଣ ମନେ କରନ୍ତି ଯେଉଁମାନେ ସ୍ୱହସ୍ତରେ ଦ୍ରବ୍ୟାଦି ଉତ୍ତୋଳନ କରନ୍ତି । ସ୍ୱଲକର ଘରୁ ବାହାରକୁ ଯାଆନ୍ତି କିମ୍ବା ସ୍ୱୟଂ ବିଷୟ କର୍ମର ତତ୍ତ୍ୱାବଧାନ କରନ୍ତି ସେମାନେ ଛତ ବାବୁ ନାମର ଯୋଗ୍ୟ ନୁହନ୍ତି ଓ ଭଦ୍ରଲୋକ ବୋଲି ପରିଚିତ ହୋଇ ପାରନ୍ତି ନାହିଁ ଅନ୍ୟ ପରିଶ୍ରମ ଦୂରେ ଥାଉ ୫ ୧୦ ଙ୍କା ବେତନ ଭୋଗୀ କେରାଣୀମାନେ ଓ ବିନାବେତନର ଶିକ୍ଷାନବୀଶମାନେ ପ୍ରତିଦିନ ଦୁଇ ତିନିଅଣା ଚାଡ଼ିଭଡ଼ା ନ ଦେଇ ଶାନ୍ତ ରହିପାରନ୍ତି ନାହିଁ । ଗୃକର ଉପରେ ସକଳ କର୍ମର ଭାରଦେଇ ଟଙ୍କାକ ସ୍ଥାନରେ ଦୁଇଟଙ୍କା ବ୍ୟୟ କରି

Digitized by srujanika@gmail.com

Split by PDF Splitter



ଋଣଗ୍ରସ୍ତ ହେବେ ତାହା ଭଲ ତଥାପି ଏ ଦେଶୀୟ ଲୋକମାନେ ସ୍ୱୟଂ ବଜାରକୁ ଯାଇ ଆପଣା ଦ୍ରବ୍ୟ କ୍ରୟ କରିବାକୁ ସମ୍ମତ ହୁଅନ୍ତି ନାହିଁ । ଆହୁରି ଆଶ୍ଚର୍ଯ୍ୟର ବିଷୟ ଏହି ଯେ କଚେରିର କୌଣସି ସାହେବ ବୋଲିଲେ ମଦ କିମ୍ବା ଏକ ବଣ୍ଡିଲ ଚୁହା କିମ୍ବା ଅନ୍ୟ କୌଣସି ଦ୍ରବ୍ୟ କିଣିବାକୁ ଆଦେଶ ଦେଲେ ତତ୍କ୍ଷଣାତ ସେହି କେରାଣି ଅଥବା ଶିକ୍ଷାନବିସ ଶଶବ୍ୟସ୍ତ ହୋଇ ଦଉଡ଼ିଯାଇ ବଜାରରୁ ସେହି ଦ୍ରବ୍ୟ ଆଣିଦିଅନ୍ତି । ଯଦ୍ୟପି ସାହେବ ମେଜ ଘୁଞ୍ଚାଇବାକୁ ଆଦେଶ କରନ୍ତି ତେବେ ଅନ୍ୟ ଲୋକ ଉପସ୍ଥିତ ଥିଲେ ମଧ୍ୟ ବାବୁ ମହାଶୟମାନେ ସ୍ୱୟଂ ମେଜର ପାଖେ ଧରି "ଉଠାଅ ଉଠାଅ କହି ଟେକନ୍ତି । କିନ୍ତୁ ଘରକୁ ଆସିଲେ ଗୋଡ଼ ଧୋଇବା ନିମନ୍ତେ ଲୋଟାଏ ପାଣି ଚାକର କିମ୍ବା ତଦାଭାବେ ଆପଣା ସହଧର୍ମିଣୀ ଆଣି ନ ଦେବାପର୍ଯ୍ୟନ୍ତ ଗୋଡ଼ଧୁଆ ହେବ ନାହିଁ । କୃଷି କର୍ମରେ ହାତ ଦେବା କିମ୍ବା କୌଣସି ଶିଳ୍ପ କର୍ମରେ ନିଯୁକ୍ତ ହେବା ଚଷା ଅବା ଛୋଟ ଲୋକ କର୍ମ ଏହି ପ୍ରକାରେ ଆମ୍ଭମାନଙ୍କର ସଂସ୍କାର ଅଛି । କିନ୍ତୁ ଭିନ୍ନ ଦେଶୀୟ ଏକ ଚର୍ମପାଦୁକା ବିକ୍ରେତା ଦୋକାନରେ ମୋହରିର ବା ଗୁମାସ୍ତା ଗିରିରେ ନେହି ମୋଟର ଚାକର ହେବା ସମ୍ଭ୍ରମର କର୍ମ ବୋଲି ବିଶ୍ୱାସ ଅଛି । କେହି ଅବା ତାହା ମଧ୍ୟ ନ କରି ଭିକ୍ଷା ଉପରେ ନିର୍ଭର କରି ଆପଣାର ମାନ, ସମ୍ଭ୍ରମ ଓ ଭଦ୍ରତା ରକ୍ଷା କରନ୍ତି । କୌଣସିଠାରେ ଖଣ୍ଡେ ଦଶପନ୍ଦର ଟଙ୍କାର ଚାକରି ଖାଲି ହେଲେ ଦୁଇ ତିନିଶ ଭଦ୍ରଲୋକ ସେଥିର ପ୍ରାର୍ଥୀ ହୁଅନ୍ତି ଓ ଚାକରି ଅଭାବରେ ଖାଇବା ବିନା କୁଟୁମ୍ବ ଗଣ୍ଡି ମରୁଅଛନ୍ତି" ଏହି ଆକ୍ଷେପ ଶବ୍ଦ ସର୍ବଦା ଶୁଣାଯାଏ । ଆମ୍ଭମାନଙ୍କ ଦେଶ ଏପରି ଫଳଶାଳୀ ଓ ଏତେ ଅଳ୍ପ ବ୍ୟୟରେ ମୂଲିଆ ମିଳନ୍ତି ଯେ ଭଦ୍ର ଲୋକମାନେ ଅଳ୍ପ ଭୂମିଧରି ଦୁଇ ଚାରିଜଣ ମୂଲିଆ ରଖି ତାହାଙ୍କ ସଙ୍ଗେ ପରିଶ୍ରମ କଲେ ଅନାୟାସରେ ସୁଖରେ ସଂସାର ଯାତ୍ରା ନିର୍ବାହ କରିପାରନ୍ତେ । ହା ଚାକରି "ହା ଚାକରି" କରି ଦ୍ୱାର ଦ୍ୱାର ହୋଇ ଉପାସନା କରି ବୁଲିବାକୁ ହୁଅନ୍ତା ନାହିଁ । ସମସ୍ତେ କୃଷି କରିବାକୁ ସକ୍ଷମ ନୁହନ୍ତି ସତ୍ୟ ମାତ୍ର ସେମାନେ କୌଣସି ପ୍ରକାରେ ଶିଳ୍ପ କାର୍ଯ୍ୟରେ ନିଯୁକ୍ତ ହେଲେ ମଧ୍ୟ ଜୀବନ ଧାରଣର ଉପାୟ ଅନାୟାସରେ ସୁସିଦ୍ଧ ହୋଇପାରନ୍ତା । ସୂତ୍ରଧର କୁମ୍ଭକାର ଗୃହାଦି ନିର୍ମାଣ ଇତ୍ୟାଦି ନାନାପ୍ରକାର ସ୍ୱାଧୀନ ବୃତ୍ତି ଅଛି । ଏଥିରୁ କୌଣସି ଗୋଟିଏ କର୍ମ ଅବଲମ୍ବନ କଲେ ଏକପ୍ରକାର ଜୀବନ ଧାରଣର ଉପାୟ ହେବ ।

Digitized by srujanika@gmail.com

Split by PDF Splitter



# ପ୍ରାପ୍ତ

## ( ଚତୁର୍ଥ ସଂଖ୍ୟା ପ୍ରକାଶିତ ପର )

"ଔଡ୍ରସ୍ୟାମାନେ ସ୍ୱଭାବତଃ ନିର୍ବୋଧ" ଏହି ପ୍ରବାଦ ଯଥାର୍ଥ ନୁହେଁ । ବିଦ୍ୟା ସୁନ୍ଦର ରଚନା ଅନେକ ବର୍ଷ ପୂର୍ବରେ ଦୀନକୃଷ୍ଣ ଦାସ ଯେ ରସକଲ୍ଲୋଳ ନାମକ ପୁସ୍ତକ ରଚନା କରନ୍ତି ତାହାର ସହିତ ତୁଳନା କରି ଦେଖିଲେ ବିଦ୍ୟା ସୁନ୍ଦର ଅତି ଅପକୃଷ୍ଟ ବୋଧହୁଏ । କି ରଚନା ଚାତୁର୍ଯ୍ୟ କି ସ୍ୱଭାବ ବର୍ଣ୍ଣନା ବିଶେଷ ଓ ଯମକ ରଚନା ସମସ୍ତ ବିଷୟରେ ଦୀନକୃଷ୍ଣ ଭରତଚନ୍ଦ୍ରଙ୍କଠାରୁ ଅଧିକ ପରାକାଷ୍ଠା ଲାଭ କରିଅଛନ୍ତି । ତଥାପି ଦେଖ ବିଦ୍ୟା ସୁନ୍ଦର ଆଜି କି ପର୍ଯ୍ୟନ୍ତ ବିଦ୍ୱାନ ମଣ୍ଡଳୀରେ ସମାଦୃତ ହେଉଅଛି । ମାତ୍ର ରସ କଲ୍ଲୋଳ ପ୍ରତି କେହି ଦୃଷ୍ଟିପାତ କରିବାକୁ ନାହିଁ । ରସ କଲ୍ଲୋଳ ଆଦିରସ ଘଟିତ କୁତ୍ସିତ ଶ୍ରବାଶ୍ରିତ ବୋଲି ଯେ ଯାହା କୁହନ୍ତୁ ସେଥିରେ ଆମ୍ଭର ବକ୍ତବ୍ୟ ନାହିଁ । ମାତ୍ର ରସ କଲ୍ଲୋଳ ଯେ ସବୁ ବିଷୟରେ ବିଦ୍ୟା ସୁନ୍ଦରଠାରୁ ଉତ୍କୃଷ୍ଟ ଗ୍ରନ୍ଥ ତାହାର ସନ୍ଦେହାଭାବ ଏହି ବାକ୍ୟର ଦୃଢ଼ତା କାରଣ ଦର୍ଶାଇବା ବାହୁଲ୍ୟ ମାତ୍ର । ଯେ ସହୃଦୟ ବ୍ୟକ୍ତି ଏ ଗ୍ରନ୍ଥଦ୍ୱୟ ପାଠ କରିଅଛନ୍ତି ସେହି ଏହି ଗ୍ରନ୍ଥ ଦ୍ୱୟର ଉତ୍କର୍ଷାପକର୍ଷ ବିଷୟ ହୃଦୟଙ୍ଗମ କରିଅଛନ୍ତି । ଦୀନକୃଷ୍ଣଙ୍କ ଛଡ଼ା ଆହୁରି ମଧ୍ୟ ଅନେକ କବି ଅନେକ ବିଷୟରେ ଅନେକ ଗ୍ରନ୍ଥ ରଚନା କରିଅଛନ୍ତି । ମୁଦ୍ରାଯନ୍ତ୍ର ଅଭାବରେ ଅନେକ ଗ୍ରନ୍ଥ ଲୋପ ହୋଇଅଛି । ଓଡ଼ିଶାର କବି କୁଳ କେଶରୀ ଉପେନ୍ଦ୍ର ଭଞ୍ଜ ୫୨ ଖଣ୍ଡ ଗ୍ରନ୍ଥ ରଚନା କରନ୍ତି ମାତ୍ର ଇଦାନିଂ ପ୍ରଶଂସିତ କବି ରଚିତ ୧୦।୧୨ ଖଣ୍ଡରୁ ଅଧିକ ମିଳୁନାହିଁ ।

କି ଆଦିରସ କି ବୀରସ କି ଭକ୍ତିରସ କି କରୁଣାରସ ସକଳ ବିଷୟ ରଚନାରେ ଉପେନ୍ଦ୍ର ଭଞ୍ଜ ଅଦ୍ୱିତୀୟ କବିତ୍ୱ ଶକ୍ତି ପ୍ରକାଶ କରିଯାଇ ଅଛନ୍ତି ବିଶେଷରେ ଯମକ ଓ ଶ୍ଳେଷପଦ ରଚନାରେ ଯେପରି ନିପୁଣତା ଦେଖାଇ ଅଛନ୍ତି । ଆମ୍ଭେ ସାହାସ କରି କହିପାରୁଁ ସଂସ୍କୃତ ଭିନ୍ନ ଭାରତ ବର୍ଷୀୟ ଏମନ୍ତ ଭାଷାର କାବ୍ୟକାର ନାହାନ୍ତି ଯେ ଯାହାଙ୍କ ସହିତ ତୁଳଣା ଦିଆଯାଇ ପାରେ । ଉପେନ୍ଦ୍ର ଭଞ୍ଜ କୃତ ବୈଦେହୀଶ ବିଳାସରେ ରାମ ରାବଣର ଯୁଦ୍ଧ ଅରଣ୍ୟରେ ରାମ ଦ୍ୱାରା ସୀତାର ପ୍ରବୋଧ ଋଷିଶୃଙ୍ଗର ଆଶ୍ରମ ବର୍ଣ୍ଣନ ଅନ୍ୟତର ପୁସ୍ତକରେ ଲାବଣ୍ୟବତୀର ସଖୀମାନଙ୍କ ସହିତ କ୍ରୀଡ଼ା ଏହି ସକଳ ସ୍ଥାନ ପାଠ ସମୟରେ ରଚୟିତାଙ୍କୁ ପ୍ରାକୃତ ମନୁଷ୍ୟ ବୋଲି ସ୍ୱୀକାର କରିବାକୁ ସଂକୋଚ ବୋଧହୁଏ ।

Digitized by srujanika@gmail.com

Split by PDF Splitter



ହାୟ ! ଏହି ସକଳ ଗ୍ରନ୍ଥର ଏପରି ହତାଦର ଦେଖି ହୃଦୟ ଏକାବେଳକେ ବିଦୀର୍ଣ୍ଣ ହୋଇଯାଏ । ହାୟ ଏମନ୍ତ କି ସମୟ ଆମ୍ଭେମାନେ ଦେଖିବାକୁ ପାଇବୁ ଯେ ଏହି ସକଳ ଗ୍ରନ୍ଥର ଯଥାର୍ଥ ମର୍ଯ୍ୟାଦା ରକ୍ଷା ହୋଇଅଛି ।

ସଭ୍ୟତମ ଗ୍ରୀସ୍ ଓ ରୋମ ରାଜ୍ୟର ପତନ ଇଂଲଣ୍ଡର ଉନ୍ନତି ଓ ଭାରତର ଅଧୋଗତି ଦେଖିଲେ ପ୍ରତୀୟମାନ ହୁଏ ଯେ ଅବନୀ ମଣ୍ଡଳରେ କିଛିହିଁ ସ୍ଥାୟୀ ନୁହଇ । କାଳରେ ସକଳ ପରିବର୍ତ୍ତନ ହେଉଅଛି । ଆହୁରି ଦେଖ ଯେ କଲିକତା ନଗର କିଛିଦିନ ପୂର୍ବରେ କଣ୍ଟକମୟ ଅରଣ୍ୟ ତଳରେ ଆବୃତ ଓ ଶଶକ ଶୃଗାଳାଦିର କେଳି ଭୂମି ରୂପେ ପରିଣତ ଥିଲା ସେହି କଲିକତା ନଗର ସମସ୍ତ ଭାରତରେ ରାଜଧାନୀ ହୋଇ ରାଜକୀୟ ସେବା ଶ୍ରେଣୀ ରାଜପୁରୁଷ ଅସଂଖ୍ୟ ବିଦ୍ୱାନ ମଣ୍ଡଳୀ ଗଗନ ସ୍ପର୍ଶୀ ସୌଧ ମାଳାରେ ପରିବୃତ ହୋଇଅଛି ଏହିପରି କେତେ ଜନପୂର୍ଣ୍ଣ ବୃଦ୍ଧିଶୀଳ ନଗର ଭୂମିସାତ ଓ କେତେ ଜନଶୂନ୍ୟ ଅରଣ୍ୟ ସମୃଦ୍ଧିଶାଳୀ ନଗର ହେଉଅଛି । ଏହିପରି ମନୁଷ୍ୟ ଜାତିର ଅବସ୍ଥା ମଧ୍ୟ ପରିବର୍ତ୍ତନଶୀଳ । ଦେଖ ଯେ ଇଂରେଜ ଜାତି ପୂର୍ବରେ ଅସଭ୍ୟ ଅରଣ୍ୟ ବାସୀ ଥିଲେ । ସେହି ଇଂରେଜ ଜାତି ବର୍ତ୍ତମାନ ଧରାତଳ ବ୍ୟାପୀ ହୋଇ ଅସଂଖ୍ୟ ଦେଶରେ ଆପଣାମାନଙ୍କର ବାହୁବଳ ଓ ଜ୍ଞାନବଳର ପ୍ରମାଣ ସ୍ୱରୂପ କୀର୍ତ୍ତି ପତାକା ଉଡ଼ାଉ ଅଛନ୍ତି । ଫଳେ ପୃଥିବୀ ମଧ୍ୟରେ ଏମନ୍ତ ନଦୀ ସାଗର ଉପସାଗର ଅପ୍ରସିଦ୍ଧ ନାହିଁ ଯହିଁରେ ଇଂଲଣ୍ଡୀୟ ବଣିକ ତରଣୀ ଭ୍ରମମାନ ନ ହେଉଅଛି ତେବେ ଯେ ଉତ୍କଳୀୟମାନେ ଏକଦା ସ୍ୱକୀୟ ବାହୁବଳରେ ଉତ୍ତରେ ହୁଗୁଳୀ ନଦୀ ଦକ୍ଷିଣେ କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ସେମାନେ ସଂପ୍ରତି ଦୁର୍ବଳ, ଅଳସ ଓ ଯେ ଉତ୍କଳୀୟମାନଙ୍କ ମଧ୍ୟରେ ଉପେନ୍ଦ୍ରଭଞ୍ଜ ଓ ଜଗନ୍ନାଥ ଦାସ ପ୍ରଭୃତି ମହାମହା କବି ଆବିର୍ଭୂତ ଥିଲେ ସେହି ଓଡ଼ିଆମାନେ ସଂପ୍ରତି ଅଜ୍ଞ ଓ ବର୍ବର ବୋଲି ଅପରିଣାମଦର୍ଶୀ ବିଦେଶୀୟଙ୍କ ଦ୍ୱାରା ଅଭିହିତ ହେବେ ଆଶ୍ଚର୍ଯ୍ୟ କି । ମାତ୍ର "ଓଡ଼ିଆମାନେ ସ୍ୱଭାବତଃ ନିର୍ବୋଧ" ଏକଥା ଯେମାନେ କହନ୍ତି ସେମାନଙ୍କୁ ନିତାନ୍ତ ଅଜ୍ଞ ଓ ଅଦୂରଦର୍ଶୀ ଭିନ୍ନ ଆଉ କି କୁହାଯାଇପାରେ କେବଳ ଓଡ଼ିଆମାନେ ପୃଥିବୀରେ ଏମନ୍ତ ଜାତି ନାହାନ୍ତି ଯେ ସେମାନଙ୍କୁ ସ୍ୱଭାବତ ଅଜ୍ଞାନୀ ବୋଲି କହି ଯାଇପାରେ । ପରମ କାରୁଣିକ ପରମେଶ୍ୱର ପକ୍ଷପାତ ସ୍ୱୀକାର କରି ମନୁଷ୍ୟ ସନ୍ତାନ ମଧ୍ୟରେ ଏକ ଜାତିକୁ ଜ୍ଞାନୀ ଓ ଅନ୍ୟ ଜାତିକୁ ଅଜ୍ଞାନୀ କରି ସୃଷ୍ଟି କରିଅଛନ୍ତି । ଏକଥା ସ୍ୱୀକାର କରିବା ନିତାନ୍ତ ମୂର୍ଖତାର କର୍ମ । ତେବେ ଯେ ମଧ୍ୟରେ ଅନେକ ଅସଭ୍ୟ ଜାତି ଦେଖାଯାଏ ସେ କେବଳ ସେମାନଙ୍କର ଦୋଷ । ମନୁଷ୍ୟମାନେ ନିଜ କୃତ କର୍ମର ଫଳ ଭୋଗୀ ଏ କଥା ପ୍ରସିଦ୍ଧି ଅଛି । କେହି କେହି ଜାତିସ୍ଥ ଲୋକେ ଅଳସତା ପୂର୍ବକ ବା ସୁବିଧା ନ

Digitized by srujanika@gmail.com

Split by PDF Splitter



ଥିବାରୁ ସ୍ୱଦ୍ୟାଲୋଚନା ନ କରି ଧ୍ୱଚାନ୍ଧିତ ବିବେଚନା ଶୂନ୍ୟ ଓ ଆଚରଣୀୟ ପଶୁବତ୍ ବ୍ୟବହାର କରୁଅଛନ୍ତି ଅଥବା ଅଜ୍ଞତା ସୁଲଭ ପଦେ ପଦେ ପରମ କାରୁଣିକ ପରମେଶ୍ୱର ଶ୍ରୀଭ ନବ ନିୟମାବଳୀ ଲଙ୍ଘନ ପୂର୍ବକ ଅଶେଷ ଯନ୍ତ୍ରଣା ନଳରେ ଜୀବନ ବିସର୍ଜନ କରୁଅଛନ୍ତି । ଐ କେନ୍ଦ୍ର ଦେଶ୍ଚ ନାନ୍ତାସ୍ତ ଲୋକେ ଜ୍ଞାନ ଓ ସଭ୍ୟତା ବଳରେ ପଟକ ଆପଣା ମାନଙ୍କର କାର୍ଯ୍ୟର ସୁବିଧା ଜନକେ ନାନା ପ୍ରକାର କଳ ନିର୍ମାଣ କରି ଓ ସଞ୍ଚିତ ଜ୍ଞାନବଳ ସୃଷ୍ଟି ସହାୟ ଦ୍ୱାରା ନୈସର୍ଗିକ ନିୟମ ମାର୍ଗରେ ଅଟଳ ହୋଇ ଚଳିବାରୁ ଅନନ୍ତ ସୁଖ ଭୋଗ କରୁଅଛନ୍ତି । ଲୋକେ ପ୍ରଥମୋକ୍ତ ଲୋକମାନଙ୍କୁ ପରମେଶ୍ୱର କେବଳ ଦୁଃଖ ଭୋଗ କରିବାପାଇଁ ସୃଷ୍ଟି କରିଅଛନ୍ତି । ଯାହାର ଜ୍ଞାନର ଲେଶ ମାତ୍ର ଅଛି ସେ କି ଏ କଥା ସ୍ୱୀକାର କରିବ ? ଏଣୁ ସ୍ପଷ୍ଟ ପ୍ରମାଣ ହେଉଅଛି ଯେ ପରମାତ୍ମା ପରମେଶ୍ୱର ପୃଥିବୀସ୍ଥ ସମସ୍ତ ଲୋକଙ୍କୁ ଏକ ସମାଦାନରେ ସୃଷ୍ଟି କରିଅଛନ୍ତି । ସମସ୍ତ ଲୋକର ଏକ ସ୍ୱଭାବ ସିଦ୍ଧ ଜ୍ଞାନ ଅଛି । ତାହାର ଉନ୍ନତାବନତ ବିଷୟ ସେମାନଙ୍କର ଯତ୍ନ ପ୍ରତି ନିର୍ଭର କରେ ।

ତେଙ୍ଗ ଯେ କାଫ୍ରି ଜାତିଙ୍କ ବ୍ୟବହାର ପର୍ଯ୍ୟାଲୋଚନା କରି ଦେଖିଲେ ସେମାନଙ୍କୁ ପଶୁବତ୍ ଜ୍ଞାନ ହୁଏ । ଚେଷ୍ଟା କଲେ ଯେ ସେମାନେ ସଭ୍ୟ ହୋଇ-ପାରିବେ ମହାତ୍ମା ଟାମସ କେନ୍‌ଶନସ ତାହାର ସାକ୍ଷ୍ୟ ପ୍ରଦାନ କରୁଅଛନ୍ତି । ଯେ ଆଣ୍ଡେମାନ ଓ ଅଷ୍ଟ୍ରିଆ ଦ୍ୱୀପବାସୀମାନେ ନବ୍ଯଶତ ପୂର୍ବେ ନିତାନ୍ତ ଅଜ୍ଞତା ହେତୁରୁ ରାକ୍ଷସ ପରି ନରମେଧ ଭକ୍ଷଣ କରୁଥିଲେ ସେମାନେ ସୁଦ୍ଧା ମହାତ୍ମା ପାଦ୍ରିଙ୍କ ଦ୍ୱାରା ଅନେକ ଅଂଶରେ ସଭ୍ୟ ହୋଇଅଛନ୍ତି ।

ଶିଳ୍ପ ବିଦ୍ୟାରେ ମଧ୍ୟ ଉତ୍କଳୀୟମାନେ ନିପୁଣ ଥିଲେ ପୂର୍ବେ ବାଲେଶ୍ୱରସ୍ଥ ବସ୍ତ୍ର ବିଖ୍ୟାତ ଥିଲା ବର୍ତ୍ତମାନ କଟକ ରଜତ କାଞ୍ଚନ ନିର୍ମିତ ଅଲଙ୍କାର ବିଷୟ କେ ନ ଜାଣେ । ସେ ଯାହାହେଉ ଉତ୍କଳୀମାନେ ଯେ ପୂର୍ବେ ଭାରତ ବର୍ଷ ମଧ୍ୟରେ ସବ ବିଷୟରେ ବିଖ୍ୟାତ ଥିଲେ ତାହାର ସନ୍ଦେହାଭାବ । ହେ ଉତ୍କଳୀୟମାନେ ଉଠ ଆପଣମାନଙ୍କର ପୂର୍ବ ପୁରୁଷର ଯଥାର୍ଥ ନାମ ରକ୍ଷା ଓ ଆପଣା ଆପଣାର ଲଲାଟସ୍ଥ ଅଜ୍ଞତା ପବାଦ ରୂପ କଳଙ୍କ ରେଖା ଉନ୍ମୋଚନ କରିବାକୁ ତତ୍ପର ହୁଅ । ଆଉ କେତେକାଳ ଆଳସ୍ୟ ସଲିଳରେ ଜୀବନ ବିସର୍ଜନ କରିବ ? ଆଉ କେତେକାଳ ଅଜ୍ଞତା ନିଦ୍ରାରେ ଅଭିଭୂତ ହୋଇ ଭିନ୍ନ ଦେଶୀୟ ଲୋକମାନଙ୍କଠାରେ ଉପ-ହାସାସ୍ପଦ ହୋଇ ରହିବ ? ଯେ ଦିନ ପୂର୍ବ ସମୁଦ୍ର କୂଳରେ ଇଂରେଜ ଜାତି ଅବତୀର୍ଣ୍ଣ ହୋଇ ଦୁରାଚାର ନାଗପୁରମାନଙ୍କୁ ତଡ଼ି ଦେଇଅଛନ୍ତି ସେହିଦିନୁ ଆମ୍ଭ-ମାନଙ୍କ ଦେଶର ଦୁର୍ଦ୍ଦଶା ନିଶା ଶେଷ ହୋଇଅଛି । ଇତି ।

Digitized by srujanika@gmail.com

Split by PDF Splitter



# ସାପ୍ତାହିକ ସମ୍ବାଦ

ହାଇକୋର୍ଟରେ ସିଦ୍ଧାନ୍ତ ହୋଇ ଅଛି କି ମିତାକ୍ଷରା ମତରେ ପୈତୃକ ଧନରେ ପିତା ପୁତ୍ରର ସମାନ ଅଧିକାର ! ପୁତ୍ରର ଅଭିମତ ବିନା ପିତାର ଅଧିକାର ନାହିଁ ଯେ, ପୈତୃକ ବିଷୟରେ ଦାନ ବିକ୍ରୟ କରିବେ । ପିତା ଯଦ୍ୟପି ଏ ରୂପ ହସ୍ତାନ୍ତର କରନ୍ତି ତାହାହେଲେ ୧୨ ବର୍ଷ ମଧ୍ୟରେ ପୁତ୍ରକୁ ଅଦାଲତରେ ଉପସ୍ଥିତ ହେବାକୁ ହେବ । ଏ ରୂପ ବିକ୍ରୟ ଆଦି ଉତ୍ତାରୁ ପୁତ୍ର ଜନ୍ମ ହେଲେ ସେଥିରେ କିଛି ଆପତ୍ତି ହେବ ନାହିଁ । ଭାରତ ବର୍ଷର ଷ୍ଟେଟ୍‌ସେକ୍ରେଟରି ଅବଷ୍ଟେଟ ମହାମାନ୍ୟ ନର୍ଥବ୍ରୁକ ସାହେବ ଏଠାରେ ରାଜସ୍ୱର ଆୟବ୍ୟୟ ଯେ ହିସାବ ପାର୍ଲିମେଣ୍ଟରେ ମହାସଭାରେ ଦାଖଲ କରିଅଛନ୍ତି । ସେଥିରୁ ପ୍ରକାଶ ଯେ ସନ ୧୮୬୬।୬୭ ମସିହାରେ ମୋଟ ଆୟ ଟ୪୭,୦୪,୧୦,୦୦୦ ଙ୍କା ଓ ମୋଟ ବ୍ୟୟ ଟ୪୭,୦୨,୧୦,୦୦୦ ଙ୍କା ହୋଇଥିଲା । ସେ ଦେଖି ଅଛନ୍ତି କହନ୍ତି ଯେ ଏ ବ୍ୟୟ ମଧ୍ୟରୁ ପ୍ରାୟ ଟ୧୩,୦୦,୦୦,୦୦୦ ଙ୍କା ପରମାହା ପେନସନ ଓ ରେଲ ରୋଡ଼ ସୈନ୍ୟ ସକାଶେ ଜିନିଷ ଖରିଦ ଇତ୍ୟାଦିରେ (ଇଂଲଣ୍ଡ ଅର୍ଥାତ ବିଲାତ)ରେ ଖର୍ଚ୍ଚ ହୁଅଇ ଅତଏବ ଭାରତ ବର୍ଷରେ ଇଂଲଣ୍ଡର କର୍ତ୍ତୃତ୍ୱ ଥିବାରୁ ସେ ଦେଶର କେତେ ଧନ ବୃଦ୍ଧି ହେଉଅଛି ତାହା ଅନାୟସରେ ପ୍ରମାଣ ହେଉଅଛି ।

ଆମେରିକା ଦେଶୀୟମାନେ ଏକ ବୃହଦାକାର ତୋପ ତୟାର କରିଅଛନ୍ତି ସେଥିରେ ସେର୍‌୭°ର ବାରୁଦ ଦେଲେ ସେର୍‌୭୬୦ର ଗୁଳି ମରିଯାଇ ପାରିବ ।

ଶୁଣାଯାଏ ଯେ ବାଲେଶ୍ୱରର ସାହାଯ୍ୟ କର୍ମ ଏବେ ଉତ୍ତମ ରୂପେ ଚଳିବାର ଦେଖି କର୍ତ୍ତାମାନେ କହୁଅଛନ୍ତି ଯେ ଏହିପରି ସୁବିଧା ପ୍ରଥମରୁ ହୋଇଥିଲେ ଆମ୍ଭମାନଙ୍କର ସହସ୍ର ସହସ୍ର ଭାଇ ବନ୍ଧୁମାନେ ମୃତ୍ୟୁ ଗ୍ରାସରୁ ଉଦ୍ଧାର ପାଇଥାଆନ୍ତେ ।

ଦୁଆର ଜିଲାରେ ବହୁତ ବର୍ଷା ହେବାରୁ କୃଷି ଉତ୍ତମ ରୂପେ ହୋଇଅଛି । କେତେଥର ଝଡ଼ ହେବାରୁ କିଛି ଫସଲ ନଷ୍ଟ ହୋଇଥିଲା । ମାତ୍ର ବର୍ତ୍ତମାନ କୃଷୀମାନେ ଯଥେଷ୍ଟ ଶସ୍ୟ ପାଇବାର ଭରସା କରିଅଛନ୍ତି ଆମ୍ଭ ଦେଶରେ ଏପରି କେବେ ହେବ ?

ଦୁର୍ଭିକ୍ଷ ପୀଡ଼ିତ ବ୍ୟକ୍ତିଙ୍କୁ ସାହାଯ୍ୟ ଦେବାରେ ବଙ୍ଗଳାର ଲୋକମାନେ କଦାଚ ନିରସ୍ତ ହେଉନାହାନ୍ତି ଅବଗତ ହେଲୁଁ ଯେ କାଳିପାଡ଼ାର ଶ୍ରୀଯୁକ୍ତ ବାବୁ କୃଷ୍ଣ କିଶୋର ଘୋଷର ନିରୁପାୟ ଲୋକମାନଙ୍କ ପରିବାରସ୍ଥ ପ୍ରତ୍ୟେକବ୍ୟକ୍ତିକୁ ଏକାଟଙ୍କା ହିସାବରେ ମାସିକ ଦାନ ଦେଉଅଛନ୍ତି । ଏଥିରେ କେହି କେହି ପରିବାର

Digitized by srujanika@gmail.com

Split by PDF Splitter



୫।୦ ଙ୍କାରୁ ଅଧିକ ପାଉଅଛନ୍ତି । ଏ ଛଡ଼ା ଯେଉଁ ପରିବାରରେ ଜ ୫ ଣରୁ ନ୍ୟୂନ ଲୋକ ଅଛନ୍ତି ସେଠାରେ ଏକଟଙ୍କାରୁ ଅଧିକ ଦେଉଅଛନ୍ତି ।

ମାନ୍ଦ୍ରାଜର ଦୁର୍ଭିକ୍ଷ ଅବଧି ବୃଦ୍ଧି ହେଉଅଛି । ଦୁଃଖୀମାନେ ଅନ୍ନାଭାବରେ ଅତିଶୟ କାତର ଅଛନ୍ତି ଓ ଶୃଗାଳର ଖାଉ ରାଜଧାନୀରେ ଅତ୍ୟନ୍ତ ବୃଦ୍ଧି ହୋଇଅଛି । ଏକ ଏକ ସ୍ଥାନରେ ପ୍ରଜାମାନେ ଖାଇବାକୁ ନ ପାଇ ଲୁଟ କରୁଅଛନ୍ତି । ଇଂଲଣ୍ଡରେ ଭାରି ଓଲ ଛଟା ହୋଇଅଛି । ଲଣ୍ଡନର ପୂର୍ବ ଭାଗରେ (ଯେଉଁଠାରେ ଦୁଃଖୀ ଲୋକମାନେ ବାସ କରନ୍ତି) ଅନେକ ମନୁଷ୍ୟ ମରିଅଛନ୍ତି. ଏହି ହେତୁ ଧନୀ ଲୋକମାନେ ସହର ପରିତ୍ୟାଗ କରି ମଫଃସଲରେ ବାସ କରୁଅଛନ୍ତି ।

ଆସାମଠାରୁ ଏଡୁକେସନ ଗେଜେଟ ସଂବାଦ ପାଇ ଅଛନ୍ତି ଯେ ସେଠାରେ ବିଦ୍ୟାଶ୍ରାମୀ ନାମରେ ଗୋଟିଏ ସଭା ହୋଇଅଛି । ଏ ସଭାରେ ବିଦ୍ୟାଲୋଚନା ସୁଶୀଲତା ଓ ଅନ୍ୟ ଅନ୍ୟ ସଦ୍‌ଗୁଣମାନ ଆଲୋଚିତ ହୁଅଇ । ଏ ଦେଶରେ ଯେ ଏତେକାଳ ପର୍ଯ୍ୟନ୍ତ ଏ ରୂପ କିଛି ସଭା ହୋଇନାହିଁ । ଏହା ଅତ୍ୟନ୍ତ ଖେଦର ବିଷୟ । ବିଦ୍ୱାନ ଓ ଧନାଢ୍ୟ ଲୋକମାନେ ଆଉ କେତେକାଳରେ ସାଧାରଣ ମଙ୍ଗଳ କାର୍ଯ୍ୟରେ ପ୍ରବର୍ତ୍ତି ହେବେ ?

ଉକ୍ତ ପତ୍ର ଲେଖନ୍ତି ଯେ ମଧ୍ୟ ଆସିଯାର ତାମଖଣ୍ଡ ନାମକ ସ୍ଥାନ ନିବାସୀ-ମାନଙ୍କର ରୁଷିଆଲୋକଙ୍କ ସଙ୍ଗେ ଘୋରତର ଯୁଦ୍ଧ ଆରମ୍ଭ ହୋଇଅଛି । ଅନେକ ଥର ଯୁଦ୍ଧ ହୋଇ ଅନେକ ଲୋକ ଉଭୟ ପକ୍ଷରୁ ମାରିଯାଇ ଅଛନ୍ତି ମାତ୍ର ଅବଧି କେହି ଜୟୀ ହୋଇନାହାନ୍ତି ।

ଦଶହରା ସମୟରେ କେତେକ ଦିନ ବର୍ଷା ନ ହେବାରୁ ଫସଲ ପକ୍ଷରେ ଏକ ଏକ ସ୍ଥାନରେ ଯତ୍‌କିଞ୍ଚିତ୍ ଆଶଙ୍କା ହୋଇଥିଲା ତାହା ଗତ କୌମାର ପୂର୍ଣ୍ଣିମା ସମୟର ବର୍ଷା ଦ୍ୱାରା ନିବାରଣ ହୋଇଅଛି । ସର୍ବତ୍ରରେ ଏ ସମୟରେ ଏପ୍ରକାର ବର୍ଷା ହୋଇଅଛି ଯେ କୌଣସି କୃଷୀ ଶିତରିତୁର ଫସଲ ସକାଶେ ଆଉ ବର୍ଷାର ଅପେକ୍ଷା କରୁନାହାନ୍ତି । ଏତେବେଳେ ନିଶ୍ଚୟ ଜଣାଗଲା ଯେ ବର୍ତ୍ତିମାନ କ୍ଷେତରେ ଯେତେ ଫସଲ ଅଛି ତାହାର ବିନାଶ ନାହିଁ ।

---

Digitized by srujanika@gmail.com

Split by PDF Splitter



# ପ୍ରେରିତ ପତ୍ର

## ଦଣ୍ଡିଦାର

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟେଷୁ

ସମୀପେଷୁ

ସମ୍ପାଦକ ମହାଶୟ ନିମ୍ନଲିଖିତ କତିପୟ ପଂକ୍ତି ସଂଶୋଧନାନ୍ତେ ଦୀପିକାର ପାର୍ଶ୍ୱେ ସ୍ଥାନ ପ୍ରଦାନ ପୂର୍ବକ ବହୁ ବାଧିତ କରିବାହେବେ ।

ମହାଶୟ କି ଆକ୍ଷେପର ବିଷୟ ! ବାଣିଜ୍ୟରେ ସ୍ୱୟଂ ସର୍କାର ଯାହାଙ୍କର ବଦାନ୍ୟତା ବର୍ତ୍ତମାନ ଦୁର୍ଭିକ୍ଷ ସମୟରେ ବାହୁଲ୍ୟ ରୂପେ ପ୍ରକାଶ ପାଏ ସେ ବ୍ୟବସ୍ଥାଧୀନ ହୋଇ ତତ୍ ସମ୍ପର୍କେ ହସ୍ତକ୍ଷେପ କରିବାକୁ ଅକ୍ଷମ ଅଟନ୍ତି । ମାତ୍ର ଅତି ଆଶ୍ଚର୍ଯ୍ୟର ବିଷୟ ଏହି ଯେ ସାମାନ୍ୟ ଦଣ୍ଡିଦାରମାନେ ସ୍ୱୟଂ ସର୍କାର ହୋଇ ତଣ୍ଡୁଳାଦି ବିକ୍ରୟ କାର୍ଯ୍ୟରେ ସ୍ୱେଚ୍ଛାକ୍ରମେ ଦର ହ୍ରାସ ବୃଦ୍ଧି ନିରୂପଣ କରନ୍ତି ଯେବେ କୌଣସି ବ୍ୟକ୍ତି ଶସ୍ୟାଦି ବିକ୍ରୟ ସ୍ଥାନରେ ଏହି ଦଣ୍ଡିକାରମାନଙ୍କର ଅଧିକାର ଦେଖିବେ । ତେବେ ଏହି ମହାପୁରୁଷମାନଙ୍କୁ ସେ ପ୍ରକୃତ ଅଧିକାରୀ ଜ୍ଞାନ କରିବେ । ପୁନଶ୍ଚ କ୍ରେତାମାନଙ୍କର ନିକଟରୁ ନଗଦ ଟଙ୍କାରେ ଯେ ବଟା ଘେନନ୍ତି ବିସୃଦାନେ ଯେ ଅମନୁତ ପ୍ରକାରରେ ସେମାନଙ୍କ ପକ୍ଷେ ଯେଉଁ ଅତ୍ୟାଗ୍ରହ ହୁଏ ତାହା ଦେଖି ବିସ୍ମୟାପନ୍ନ ହେବାକୁ ହୁଏ । ଏ ସମ୍ପର୍କରେ ଏମାନଙ୍କୁ ଦଣ୍ଡିଦାର ନ ବୋଲି ଦଣ୍ଡଧର ବୋଲିବା ଉପଯୁକ୍ତ ହୋଇଅଛି । ଯେବେ ଏମାନଙ୍କ ଦ୍ୱାରା ଶସ୍ୟାଦିର ଦରର ହ୍ରାସ ବୃଦ୍ଧି ହୋଇ ସର୍ବସାଧାରଣର ଅନିଷ୍ଟ ହୁଅଇ ତେବେ ସର୍କାର ଏ ଅନିଷ୍ଟ ନିବାରଣରେ କି ହେତୁ ଯତ୍ନବାନ ନ ହୁଅନ୍ତି । ଏମାନଙ୍କ ଦ୍ୱାରା ଶସ୍ୟାଦିର ଦର ନିରୂପଣ ଯେବେ ହୋଇପାରେ ତେବେ ତତୋଧିକ ନଗର ନିବାସୀ କୌଣସି କୌଣସି ଭଦ୍ର ଲୋକଙ୍କ ଦ୍ୱାରା ଆମଦାନି ପ୍ରମାଣେ କି ଦର ନିର୍ଣ୍ଣୟ କରାଯାଇ ନ ପାରେ ? ଅବା ସର୍କାର ଯେବେ କୌଣସି ଏକ ଜଣ ସୁବିବେକ ଚୌଧୁରୀ ଏ କାର୍ଯ୍ୟ ନିର୍ବାହ ନିମନ୍ତେ ନିଯୁକ୍ତ କରନ୍ତେ ତେବେ କି ସର୍ବସାଧାରଣର ସନ୍ତୋଷଜନକ ହୋଇ ନ ପାରନ୍ତା ? ଯେ ପ୍ରକାର ହେଉ ପଛେ ଏ ଅନିଷ୍ଟକର ଦଣ୍ଡିଦାରମାନେ ଯେମନ୍ତ ଏ କାର୍ଯ୍ୟରୁ ନିରସ୍ତ କରାଯିବେ ଏ ବିଷୟରେ ଆମ୍ଭମାନଙ୍କ ଦୟାଶୀଳ ସର୍କାର ଅତି ଯତ୍ନ ପୂର୍ବକ ମନୋଯୋଗ କରିବାକୁ ତ୍ରୁଟି ନ କରିବେ ।

କଟକ
ତା ୮ ଇଖ ଅକ୍ଟୋବର ସ ୧୮୬୬ ମସିହା

ଦାଶରଥି ରାଉତ

Digitized by srujanika@gmail.com

Split by PDF Splitter



ଆମ୍ଭେମାନେ ଜ୍ଞାତ ହୋଇଅଛୁଁ ଯେ ଶ୍ରୀଯୁକ୍ତ କମିସ୍ନର ସାହେବ ଦଣ୍ଡଦାରଙ୍କୁ ପଦସ୍ଥ କରିବାର ଉପାୟ କରୁଅଛନ୍ତି ଓ ବଙ୍ଗଳା ଗବର୍ଣ୍ଣମେଣ୍ଟରୁ ମଧ୍ୟ ଏ ବିଷୟରେ ରିପୋର୍ଟ ତଳବ ଆସିଅଛି । ସମ୍ପାଦକ ଗତ ତା ୬ ରିଖ ଉତ୍କଳ ଦୀପିକା ମଧ୍ୟେ ଯେ ପ୍ରହେଳିକା ଦତ୍ତମାନ ହୋଇଥିଲା ତାହାର ଉତ୍ତର—

ମଧ୍ୟସ୍ଥାନ ବ୍ୟକ୍ତିଙ୍କୁ କି ନାମ ଦିଅନ୍ତି ?
ସୃଷ୍ଟି ମଧ୍ୟେ ସର୍ବଠାରୁ କେ ଶ୍ରେଷ୍ଠ ହୁଅନ୍ତି ?
ଦିବସେ ଗଗନେ କେବା ପ୍ରଭା ପ୍ରକାଶନ୍ତି ?
ଏ ପ୍ରଶ୍ନମାନ ଉତ୍ତର ତ୍ରିବର୍ଣ୍ଣ ଅଟନ୍ତି ।
ସୁଜନେ ଶୁଣ, ଶେଷ ଅକ୍ଷରେ ନାମ ପ୍ରମାଣ ।

———

## ପ୍ରହେଳିକା

ଚଉବର୍ଣ୍ଣ ଶବ୍ଦ ଏହୁ ଅବଗତ ହେବେ,
ତହିଁ ଆକାର ଅକାର ଉକାର ଲୁପ୍ତଥିବେ ।
ଆକାର ଇକାର ଲୋପେ ରାମ ସପତ୍ନ୍ୟ ଭ୍ରାତା
ଉକାର ଲୋପେ ମୋହ୍ନା ପୁସ୍ତକ ଅବଗତା ।
ସୁବୋଧ ସୁଶୀଳ ଜନେ ବିଚାର କରିଲେ
ତ୍ରିବର୍ଣ୍ଣ ସଂଯୁକ୍ତ ଶବ୍ଦ ଅନାୟାସେ ମିଳେ ।

ବଇଷାକ ମାହାନ୍ତି

---

## ବିଜ୍ଞାପନ

ଗ୍ରାହକମାନଙ୍କୁ ସମ୍ବାଦ ଦେଉଅଛୁ ଯେ ଯେଉଁମାନେ ପତ୍ରିକାର ଅଗ୍ରିମ ମୂଲ୍ୟ ଦେଇନାହାନ୍ତି ସେମାନେ ଚଳିତ ଅକ୍ଟୁବର ମାସ ଶେଷ ପର୍ଯ୍ୟନ୍ତ ତାହା ଆଦାୟ ନ କଲେ ସେମାନଙ୍କୁ ବାକିଦାର ଜ୍ଞାନ କରାଯିବ । ଓ ବର୍ଷାନ୍ତେ ଯେ ମୂଲ୍ୟ ନିର୍ଦ୍ଦିଷ୍ଟ ଅଛି ସେହି ମୂଲ୍ୟ ତାଙ୍କଠାରୁ ନିଆଯିବ ।

---

ଏହି ଉତ୍କଳ ଦୀପିକା ସହର କଟକ ଆଲମଚାନ୍ଦ ବଜାର କଟକ ପ୍ରିଣ୍ଟିଂ କୁମ୍ପାନିର ପଥର ଛାପରେ ମୁଦ୍ରିତ ହୋଇ ପତ୍ରିକାର ଅଧିକାରୀଙ୍କ ସକାଶେ ପ୍ରଚାର କରାଗଲା ।

———

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା

ଖ ୧ ଗ
୧୩ ସଂଖ୍ୟା

ତାରିଖ ମାହେ ନବମ୍ବର
ସନ ୧୮୬୬ ମସିହା । ମୁ ।
ଓ୨୦ନ କାର୍ତ୍ତିକ ସନ
୧୨୭୪ ଶାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫.୦୦
ବର୍ଷାନ୍ତେ ମୂଲ ଦେଲେ
ବର୍ଷକୁ ଟ ୬.୦୦
ମଫସଲ ଗ୍ରାହକଙ୍କ ମୂଲ୍ୟ ଛଡ଼ା
ଡାକ ମାସୁଲ ବ ୧ ର୍ଷକୁ
ଟ ।୩ ।

ରାଜସ୍ୱ ମାପର ପୂର୍ବ ଲକ୍ଷଣ—

ଏତେ ଦିନରେ ପ୍ରଜାକୁଳର ଆର୍ତ୍ତନାଦ ଦାରଜିଲିଂ ପାହାଡ଼ ଉପରେ ଶ୍ରୀଯୁତ ଲେପଟେନେଣ୍ଟ ଗବର୍ଣ୍ଣରଙ୍କ କର୍ଣ୍ଣ କୁହରେ ପ୍ରବେଶ ହେଲା ଓ ସେମାନଙ୍କର ଦୁର୍ଦ୍ଦଶା ମୋଚନ ହେବାର ସଙ୍କେତ ପ୍ରାପ୍ତ ହେଲା ସ୍ୟାର ସିସିଲ ବିଡନ୍ ସାହେବ ଗତ ମାସ ତା ୧୬ ରିଖରେ ବୋର୍ଡ଼କୁ ତଳ ଲେଖିତ ତାର ଖବର ପଠାଇବାରୁ ତଦନୁସାର ବୋର୍ଡ ସେକ୍ରେଟାରି ଆଗତ ଲାଟବନ୍ଦୀ ମୂଲତବି ରଖିବା ଓ ଏ କଥା ପୂର୍ବରୁ ସର୍ବସାଧାରଣଙ୍କୁ ଜ୍ଞାତ କରାଇବା ସକାଶେ କମିସ୍ନର ସାହେବଙ୍କ ନିକଟକୁ ପତ୍ର ପଠାଇ ଅଛନ୍ତି । ତାର ଚିଠିର ମର୍ମ ଏହି—

ଲେପଟେନେଣ୍ଟ ଗବର୍ଣ୍ଣର ବୋର୍ଡକୁ ପ୍ରାର୍ଥନା କରୁଅଛନ୍ତି ଯେ ଫସଲର ଅବସ୍ଥା ଓ ଗତ ଦୁର୍ଭିକ୍ଷରୁ କୃଷି ପ୍ରଜାଙ୍କର ଯେ ଫଳ ହୋଇଅଛି ଏ ବିଷୟମାନଙ୍କର ସମ୍ପୂର୍ଣ୍ଣ ଓ ଯଥେଷ୍ଟ ତଦାରଖ ଅପେକ୍ଷାରେ କଟକ ଜିଲାର ନବମ୍ବର ମାସ କିସ୍ତି ଛଅ ମାସ ମୂଲତବି ରଖିବେ ।

ବର୍ତ୍ତମାନ ସମୟରେ ଏ ହୁକୁମ ଯେ କି ପର୍ଯ୍ୟନ୍ତ ଉପକାରୀ ହୋଇଅଛି ତାହା ବର୍ଣ୍ଣନାତୀତ, କୁମାର ପୂର୍ଣ୍ଣିମାର ପ୍ରଚୁର ବରଷା ଯେ ରୂପ କୃଷୀମାନଙ୍କର ଓଷ୍ଠାଗତ ପ୍ରାଣକୁ ପିଣ୍ଡରେ ପୁନଃସ୍ଥାପନ କରି ଭାବି ସୁଖର ଆଶାରେ ସେମାନଙ୍କର ବର୍ତ୍ତମାନ ଦୁଃଖକୁ ବିସ୍ମରଣ କରାଇଲା । ସେହି ରୂପ ଗବର୍ଣ୍ଣମେଣ୍ଟଙ୍କ ତାର ଖବର ଜମିଦାରଙ୍କ ମୃତବତ ସ୍ପନ୍ଦହୀନ ଶରୀରକୁ ତଡ଼ିତ ଯନ୍ତ୍ରତାର ସ୍ୱରୂପ ସ୍ପର୍ଶ କରିବା ମାତ୍ରକେ ଅଙ୍ଗ ପ୍ରତ୍ୟଙ୍ଗମାନ ସତେଜ ହୋଇଉଠିଲା । ଜମିଦାର ଓ ପ୍ରଜା

Digitized by srujanika@gmail.com

Split by PDF Splitter



ଏକ କାଳରେ ଯେ ଏତେ ସୁଖାନୁଭବ କରିବେ ତାହା କେହି ଜାଣୁ ନ ଥିଲେ । ଶ୍ରୀଯୁକ୍ତ କମିସ୍ନର ସାହେବଙ୍କ ବିଚକ୍ଷଣ ଯୁକ୍ତି ଓ ଆଜ୍ଞାରେ ଲୋକମାନେ କୃତାର୍ଥ ହୋଇଥିଲେ । ସେହି ହେତୁରୁ ବୋଧ ହୁଅଇ ଏ ଶୁଭ ସମ୍ବାଦ ଦ୍ୱିଗୁଣ ପ୍ରୀତିକର ହୋଇଅଛି ।

ମାଫ ପରିବର୍ତ୍ତନରେ ରାଜସ୍ୱ ମାଫ ନ ହେଲେ ଭୁକ୍ତ ସ୍ଥଗିତ କରିବାରେ କି ଲାଭ ହେବ ? ଉଦର ଜ୍ୱାଳା କି ଆଶା ଭରସାରେ ନିବାରିତ ହେବ । ଯାହା ପର୍ଯ୍ୟନ୍ତ ନିତାନ୍ତ ପକ୍ଷରେ ଦୁଇଥର ଲୋଡ଼ା ହୁଅଇ ତାହାକୁ କେତେ ଧାନ ମନୁଷ୍ୟ ସ୍ଥଗିତ ରଖିପାରିବ । କମିସ୍ନର ସାହେବଙ୍କ ମନରେ ଜମିଦାରମାନେ ଧାନ ଅପ୍ରାପ୍ତିରେ ଯେତେ ଲାଭ କରିଲେ ଅଧିକାଂଶ ଜମିଦାର ସାମାନ୍ୟ ଲୋକଙ୍କ ପରି କେବଳ ଅନ୍ନ ସଂସ୍ଥାନରେ ବ୍ୟସ୍ତ ହୋଇ ଅଛନ୍ତି ଖଜଣା ମାଫର ନିଶ୍ଚୟ ଅଜ୍ଞାନ ହେଲେ ଏମାନେ ରଇତଙ୍କଠାରୁ ଅଳ୍ପ ବହୁତରେ ଖଜଣା ଆଦାୟ କରିବାକୁ ଚେଷ୍ଟା କରିବେ ଓ ସମୟରେ ଯାହା ତାଙ୍କ ହସ୍ତକୁ ଆସିବ ତାହା ଚାଉଳ ଗୋଦାମରୁ ବାହାରି ଆସିବ ନାହିଁ ଓ ଆସନ୍ତା ଅପ୍ରେଲ କିମ୍ବା ମଧ୍ୟ ନିକଟବର୍ତ୍ତୀ ହୋଇଥିବ । ଏ ସ୍ଥଳେ ସେମାନଙ୍କୁ ସମୟ ଦେବା କେବଳ ଅଧିକ କ୍ଲେଶ ଦେବା ହୁଅଇ । ଏକାବସ୍ଥା ସଂସ୍ଥାନ ନିରୁପାୟ ହୋଇ ଅଛନ୍ତି । ସେ ସମ୍ମୁଖରେ ହାଲ ବନ୍ଦୋବସ୍ତ ଦୁଇ ଦାୟରେ ପଡ଼ିବେ । ରଇତଙ୍କୁ ମଧ୍ୟ ଏଥିରେ ବିଶେଷ ଉପକାର ନାହିଁ । ହାଲ ବନ୍ଦୋବସ୍ତ ଚିନ୍ତାରେ ତାଙ୍କୁ ପୁଣି ମଗ୍ନ ହେବାକୁ ହେବ । ଅତଏବ ସର୍ବପ୍ରକାର ବିବେଚନାରେ ଉଚିତ ହେଉଅଛି ଯେ ମାଫର ଆଜ୍ଞା ଗବର୍ଣ୍ଣମେଣ୍ଟ ଏକାବେଳକେ ପ୍ରଦାନ କରନ୍ତୁ । ଗବର୍ଣ୍ଣମେଣ୍ଟଙ୍କ ତାର ପତ୍ରରୁ ଜଣାଯାଏ ଯେ ଅଦ୍ୟାପି ଦୁର୍ଭିକ୍ଷର ଯଥେଷ୍ଟ ପରିଚୟ ଗବର୍ଣ୍ଣମେଣ୍ଟ ପ୍ରାପ୍ତ ହୋଇ ନାହାନ୍ତି । ହା, ଶାତକାଣ୍ଡ ରାମାୟଣ ଶେଷ ହେଲ ମାତ୍ର ଶୀତା ସ୍ତ୍ରୀ କି ପୁରୁଷ ଏହା ନିଶ୍ଚୟ ହୋଇ ପାରିଲ ନାହିଁ । ଦେଶର ଚତୁର୍ଥାଂଶ ପ୍ରଜା ମରିଗଲେ ଓ ଜୀବିତ ପ୍ରଜା ମଧ୍ୟରୁ ପ୍ରାୟ ଦୁଇ ଅଂଶ ଆପଣା ଘର ଓ ଚଉକାଠ କବାଟ ପର୍ଯ୍ୟନ୍ତ ବିକି ଦ୍ୱାରା ପ୍ରାଣରକ୍ଷା କରିବାକୁ ଅସମର୍ଥ ହେଲେ, ଏବଂ ସରକାର ସ୍ୱୟଂ ଲକ୍ଷ ଲକ୍ଷ ଟଙ୍କାର ଧାନୁଆ ଚାଉଳ ବିଦେଶରୁ ଆଣି ବିକି ସ୍ଥଳରେ ବିସ୍ତର ମାରପିଟ୍ କରିବାରେ ମଧ୍ୟ ଲୋକମାନେ ନିମିଷ ମାତ୍ରକେ କେଉଁଆଡ଼େ ନେଇଗଲେ ତାହାର ତଦନ୍ତ ମିଳିଲ ନାହିଁ । ତଥାଚ ଗବର୍ଣ୍ଣମେଣ୍ଟ ସମ୍ପୂର୍ଣ୍ଣ ତଦାରଖ ଅପେକ୍ଷା ରଖନ୍ତି । ସମସ୍ତେ ଶ୍ମଶାନରେ ଲମ୍ବ ହୋଇ ନପଡ଼ିଲେ କି ସମ୍ପୂର୍ଣ୍ଣ ତଦାରଖ ହେବାର ଅନ୍ୟ ଉପାୟ ନାହିଁ । ଆଦ୍ୟରୁ ଦୁର୍ଭିକ୍ଷର ଯଥାର୍ଥ ଜ୍ଞାନ ଯେବେ ସରକାର ଗ୍ରହଣ କରିଥାନ୍ତେ ତେବେ ଆମ୍ଭମାନଙ୍କର ଅବସ୍ଥା ଏତାଦୃଶ ହୋଇ ନଥାନ୍ତା ମାତ୍ର ସ୍ଥାନୀୟ ହାକିମମାନେ ଅବକାଶାଭାବ ଅଥବା ଅନ୍ୟ କାରଣରୁ ଦେଶର ଅବସ୍ଥା ସ୍ୱଚକ୍ଷୁରେ ନଦେଖି ପରଚକ୍ଷୁରେ ବିଶ୍ୱାସ କରିବାକୁ ବାଧ୍ୟ ଓ

Digitized by srujanika@gmail.com

Split by PDF Splitter



ଚାଉଳ ଆମଦାନୀ କର୍ମରେ ବିଳମ୍ବ ହେଲ ଓ ସେଥିରେ ଯେତେ ଅନିଷ୍ଟ ହେଲ ତାହା କାହାର ଅବିଦିତ ନାହିଁ । ଗତ ନବମ୍ବରରେ ଦୁର୍ଭିକ୍ଷ ପ୍ରଥମେ ଦୃଷ୍ଟ ହୁଅଇ ଓ ଏ ନବମ୍ବରରେ ଗବର୍ଣ୍ଣମେଣ୍ଟ ସମ୍ପୂର୍ଣ୍ଣ ଉଦାରତାର ଅପେକ୍ଷା କରୁଅଛନ୍ତି । ଏବଂପ୍ରକାର ଗୁରୁତର ବ୍ୟାପାରମାନଙ୍କରେ ଯେ ସ୍ଥଳେ ରାଜାର ଏତାଦୃଶ ଅଲକ୍ଷିତ ଯତ୍ନ ସେ ସ୍ଥଳେ ପ୍ରଜାର ମଙ୍ଗଳର ଆଶା କି ?

ଆମ୍ଭେମାନେ ବନର୍ଠ ମୂଟକ ସ୍ୟାର ସିସିଲ ବିଡନ ସାହେବଙ୍କୁ ଅନୁରୋଧ କରୁଅଛୁଁ ଯେ ଅକାଳରେ ଯଦ୍ୟପି କି ସେ ଆପଣା କାରୁଣ୍ୟ ସ୍ୱଭାବର ବିଲକ୍ଷଣ ଚିହ୍ନ ପ୍ରଦର୍ଶନ କରିଅଛନ୍ତି ମାତ୍ର ଟାଲଟୁଲରେ ଯେ ରୂପ ତାହା ଶେଷ ନ କରନ୍ତୁ ଏବଂ ଅବିଳମ୍ବରେ ଜମିଦାର ଓ ଋଷିମାନେ ଯେପରି ଟଙ୍କା ମାଫିର ସମ୍ବାଦ ପାନ୍ତି ତଦ୍ବିଷୟ ଯଥୋଚିତ ବିବେଚନା କରନ୍ତୁ ତାହା ହେଲେ ଯଥାର୍ଥ ରାଜଧର୍ମ ରକ୍ଷା ହେବ ।

ଯେବେ ଏହି ସ୍ଥିରିତ ହେବା ଆଜ୍ଞା ଏକମାସ ପୂର୍ବରୁ ଆସିଥାନ୍ତା ତେବେ ପ୍ରଜାଙ୍କର କେତେ ମଙ୍ଗଳ ହୋଇଥାନ୍ତା ।

---

## ମଫସଲ ଦୁର୍ଭିକ୍ଷ

ଆମ୍ଭେମାନେ ଏଥି ପୂର୍ବ ସମ୍ବାଦରେ ଦୁର୍ଭିକ୍ଷ ସାହାଯ୍ୟ କର୍ମ ଶୁଭମତରୂପେ ଚଳୁଥିବାର ଏକ ପ୍ରସ୍ତାବ ଲେଖିଥିଲୁ ଓ ମଫସଲ ପ୍ରତି ବିଶେଷ ମନୋଯୋଗ ନହେବା ଆଶଙ୍କା ପ୍ରକାଶ କରିଥିଲୁ । ଦୁର୍ଗୋତ୍ସବ ସମୟରେ ମଫସଲର ଯେ ଅବସ୍ଥା ଦେଖିଥିଲୁ ସେଥିରୁ ବୋଧହେଲ ଯେ ତତ୍ରସ୍ଥ ଲୋକମାନେ କେବଳ ନାମମାତ୍ର ସାହାଯ୍ୟ ପାନ୍ତି । ଅନେକ ସ୍ଥାନରେ ଅନ୍ନଛତ୍ର ହୋଇଅଛି ସତ୍ୟ ମାତ୍ର ସେଥିରୁ ବିଶେଷ ଉପକାର ହେବାର ସମ୍ଭାବନା ନାହିଁ । ମୋହରରମାନେ କର୍ମରେ ଅନେକ ତ୍ରୁଟି କରୁଥିବାର ଦେଖାଗଲ ଓ ସର୍ବସାଧାରଣଙ୍କୁ ସାହାଯ୍ୟ କରିବାର ଯେ ପ୍ରକୃତ ଉପାୟ ଅର୍ଥାତ ଚାଉଳ ବିକ୍ରି ଗବର୍ଣ୍ଣମେଣ୍ଟ ସ୍ଥାପନ କରିଅଛନ୍ତି ତାହା ନାମମାତ୍ରରେ ଚଳୁଅଛି । ସହରରେ ନାନାସ୍ଥାନରୁ ଚାଉଳ ଆମଦାନି ହେଉଅଛି ମାତ୍ର ମଫସଲରେ ସରକାରୀ ଚାଉଳ ଏକମାତ୍ର ଉପାୟ । ଯଦ୍ୟପି ଇଦାନି ଏକ ଏକ ସମୟରେ ନୂତନ ଚାଉଳ ପ୍ରାପ୍ତ ହେଉଅଛି ମାତ୍ର ହାଟଦିନ ନ ହେଲେ ତାହା ମିଳୁନାହିଁ ଓ ଅଧିକାଂଶ ଲୋକଙ୍କର ଏରୂପ ଅବସ୍ଥା ନୁହେଁ ଯେ ଏକାବେଳକେ ୬।୭ ଦିନର ଚାଉଳ କିଣି

Digitized by srujanika@gmail.com

Split by PDF Splitter



ପାରନ୍ତି । ସାହାଯ୍ୟ ବିକି ଦୁର୍ଗୋତ୍ସବ ପୂର୍ବ ଯତ୍କିଞ୍ଚିତରେ ହେଉଥିଲା ମାତ୍ର ବର୍ତ୍ତମାନରେ ସରକାରୀ ଚାଉଳର ଦରଶୋଟ ହେତୁ ତାହା ଏକାବେଳକେ ସ୍ଥଗିତ ହୋଇଅଛି । ଦୁଃଖୀ ଲୋକମାନେ ମୂଲମଜୁରି କିମ୍ବା ଘରର ସାମଗ୍ରୀ ବିକି ଦ୍ୱାରା ଯଦ୍ୟପି କିଞ୍ଚିତ ମୂଲ୍ୟ ପ୍ରାପ୍ତ ହୁଅନ୍ତି ସେଥିରେ ସେମାନେ ସୁସ୍ଥ ହୋଇ ପାରନ୍ତି ନାହିଁ । କାରଣ ଚାଉଳ ଅନ୍ୱେଷଣ କରିବାରେ ସେମାନଙ୍କର ତତୋଧିକ କ୍ଲେଶ ହୁଅଇ ଓ ଏକ ଏକ ସମୟରେ ଉପବାସ ପର୍ଯ୍ୟନ୍ତ ଘଟଣା ହୁଅଇ । ବିଶେଷରେ ୧୦।୧୨ ମୌଜାରେ ଏକମାତ୍ର ସାହାଯ୍ୟ ବିକିର ଗୋଦାମ ହୋଇଅଛି । ବିକିଦିନ ଏପରି ଗୋଳମାଳ ହୁଅଇ ଯେ ଲୋକମାନଙ୍କୁ ଚାଉଳ ନେବାର କଠିଣ ହୋଇ ଉଠଇ । ଆମ୍ଭେମାନେ ଅନେକ ଲୋକଙ୍କଠାରୁ ଏହିକଥା ଶୁଣିଲୁ ଯେ ପ୍ରହାର ଭୟରେ ସେମାନେ ସରକାର ଗୋଦାମରୁ କିଛିମାତ୍ର ସାହାଯ୍ୟ ପାଇ ପାରନ୍ତି ନାହିଁ । ବାସ୍ତବରେ ଅନେକ ଲୋକଙ୍କ ପ୍ରତି ନିଷ୍ଠୁର ବ୍ୟବହାର ହୋଇଥାଏ । ମଫସଲର ସରକାରି ଚାଉଳ ବିକିର ସୁନିୟମ ହୋଇଥିଲେ ଏପ୍ରକାର ଦୁରବସ୍ଥା ଲୋକଙ୍କର ହୁଅନ୍ତା ନାହିଁ ଆମ୍ଭେମାନେ ଏହି ଆଶା କରୁ ଯେ ଅଳ୍ପକାଳ ଦୁର୍ଭିକ୍ଷ ଅଛି ଏଥିରେ ସରକାରି ଚାଉଳ ମଫସଲରେ ପ୍ରଚୁର ପରିମାଣରେ ବିକି ହେବାର ବନ୍ଦୋବସ୍ତ ହେଉ । ଶ୍ରୀଯୁକ୍ତ କମିସନର ସାହେବ ଏ ବିଷୟରେ ମନଯୋଗୀ ହେଲେ ଏ କର୍ମ ସହଜରେ ସିଦ୍ଧ ହେବ ଓ ମଫସଲରେ ଯାଗାଯାଗାରେ ଚାଉଳ ପ୍ରାପ୍ତିର ସୁଯୋଗ ହେଲେ କେହି ସହରକୁ ଚାଉଳ ପାଇଁ ଆସିବେ ନାହିଁ । ସହରର ବିକି ଗୋଦାମ ବନ୍ଦ କଲେ ମଧ୍ୟ ଆମ୍ଭମାନଙ୍କର ବିବେଚନାରେ କିଛି ଅନିଷ୍ଟ ହେବ ନାହିଁ ମାତ୍ର ଆଉ ଏକମାସ କାଳ ମଫସଲରେ ଚାଉଳ ଗୋଦାମ ଜାରି ରଖିବାର ନିତାନ୍ତ ଆବଶ୍ୟକ ହୋଇଅଛି । ଅତଏବ ଆମ୍ଭେମାନେ ପ୍ରସ୍ତାବ କରୁ ଯେ ସାହାଯ୍ୟ ସ୍ଥାନମାନଙ୍କରେ ସାହାଯ୍ୟ ବିକି ସ୍ଥଗିତ କରି ପ୍ରତି ପାଞ୍ଚକୋଶରେ ଏକ ଏକ ସରକାରି ଗୋଦାମ ସ୍ଥାପନ ହୋଇ ପ୍ରଚୁର ପରିମାଣରେ ଲୋକଙ୍କୁ ଚାଉଳ ଦିଆଯାଉ କିମ୍ବା କମିଟିର ଦ୍ୱାରା ପ୍ରତି ଗ୍ରାମରେ ଏକ ଏକ ମୋଦି ନିଯୁକ୍ତ କରି ତାଙ୍କଠାରେ ସରକାରି ଖର୍ଚ୍ଚାରେ ଚାଉଳ ପହଞ୍ଚାଇ ଦିଆଯାଉ । ଏସମୟରେ କେହି କଦାଚ କଦାଚ ଚାଉଳ ଘରେ ରଖିବା ସକାଶେ ଖରିଦ କରିବେ ନାହିଁ କାରଣ ପୁସମାସ ପର୍ଯ୍ୟନ୍ତ ଭାଉ ଅବଶ୍ୟ ଅଧିକ ହେବ ଓ ସମସ୍ତେ ଏହି ଆଶାରେ ଆପଣାମାନଙ୍କୁ ପ୍ରବୋଧ ଦେଉଅଛନ୍ତି । ଏଥିରେ ଯେ କି ପର୍ଯ୍ୟନ୍ତ ଲୋକଙ୍କର ଉପକାର ହେବ ତାହା କହି ନପାରୁ ଯେଉଁମାନେ ମଫସଲର ଅବସ୍ଥାରୁ ଜ୍ଞାତ ଅଛନ୍ତି ଏକା ସେହିମାନେ ଜାଣନ୍ତି ।

Digitized by srujanika@gmail.com

Split by PDF Splitter



# ଇଷ୍ଟଇଣ୍ଡିଆ ଇରିଗେସନ ଓ କେନାଲ କମ୍ପାନି

ଏହି ନାମାବଲମ୍ବନ ଦ୍ୱାରା ବଙ୍ଗଳରୁ ଲକ୍ଷ ଲକ୍ଷ ପରିମାଣରେ ଟଙ୍କା ଆସି ଅସଂଖ୍ୟ ନଦୀ ମଧ୍ୟରେ ଶିଳା ବନ୍ଧନ ଘଟିତ ହେଉଅଛି ଏଥିରେ ଏ ଦେଶର ମଙ୍ଗଳ ହେବ କି ନା । ଏ ବିଷୟରେ ଅଦ୍ୟାପି ଅନେକ ଲୋକଙ୍କ ମନରେ ସନ୍ଦେହ ଅଛି ଯେଉଁମାନେ ମହାନଦୀ ଓ କାଠଯୋଡ଼ୀର ତଟକୁ ଏଥିପୂର୍ବେ ଦର୍ଶନ କରୁଥିଲେ ସେମାନେ ସେଥିର ଉତ୍କର୍ଷ ବୁଝି ନ ପାରି ଏହି ବିବେଚନା କରୁଥିଲେ ଯେ ଉକ୍ତ କମ୍ପାନି କେବଳ ଆପଣାର ସର୍ବନାଶର ଉପାୟ କରୁଅଛନ୍ତି । ଇଦାନୀ କେନ୍ଦ୍ରାପଡ଼ା ଖାଲ ଏକପ୍ରକାର ନିର୍ମାଣ ହୋଇ କେତେକ ଜମିକୁ ଜଳ ଦେବାକୁ ଉଦ୍ୟତ ହେବାରେ ଲୋକେ ବୁଝିପାରୁ ଅଛନ୍ତି ଯେ ନଦୀ ମଧ୍ୟରେ ବନ୍ଧ ନ ହେଲେ ଉକ୍ତ ଖାଲରେ ଜଳ ପ୍ରବେଶ ହୋଇ ନ ପାରେ ମାତ୍ର ଅନେକ ଲୋକ ଏପରି ମନେକରି ଅଛନ୍ତି ଯେ ଉକ୍ତ କମ୍ପାନି ଦ୍ୱାରା ଆମ୍ଭମାନଙ୍କର କିଛି ମାତ୍ର ଉପକାର ହେବନାହିଁ । ବାସ୍ତବରେ ତାହା ନୁହେଁ । ଏ କମ୍ପାନି ଯେ କର୍ମ ଆରମ୍ଭ କରିଅଛନ୍ତି ଏଥିରେ ସଫଳ ହେବାର ଅଧିକ ସମ୍ଭାବନା । କୃଷିମାନେ ଯେ କେବଳ ଦୈବ ଉପରେ ନିର୍ଭରକରି ରହିଲେ ସମ୍ପୂର୍ଣ୍ଣ ଫସଲ ପାଇବେ ନାହିଁ । ଏହା ବର୍ତ୍ତମାନ ଦୁଃସମୟରେ ପ୍ରତ୍ୟକ୍ଷ ହୋଇଅଛି ଏ ବର୍ଷାକାଳରେ ସଚରାଚର ବୃଷ୍ଟି ହୁଅଇ ବୋଲି ଯେ କମ୍ପାନିଠାରୁ କେହି ଜଳ ନେବେ ନାହିଁ ଏହା ମଧ୍ୟ ଏହି ବର୍ଷରେ ଅପ୍ରମାଣ ହେଲା । ଗତବର୍ଷ ଯେବେ କମ୍ପାନିରଖାଲମାନ ପ୍ରସ୍ତୁତ ହୋଇ କ୍ଷେତକୁ ପାଣି ଦେଇ ପାରିଥାନ୍ତା ତେବେ ଏତେ କଠୋର କାଳ କଦାଚ ଉପସ୍ଥିତ ହୋଇ ନଥାନ୍ତା । ସବୁ ବର୍ଷ ମେଘର ପ୍ରାୟ ସମାନ ରୂପ ଜଳ ପଡ଼ଇ ମାତ୍ର ସବୁ ବର୍ଷ ଫସଲ ସମାନ ରୂପ ହୁଅଇନାହିଁ । ଏଥିର କାରଣ ଏହି ଯେ କ୍ଷେତସ୍ଥିତ ଫଳ ପକ୍ଷରେ କେଉଁ ସମୟରେ କି ପରିମାଣରେ ଜଳ ଆବଶ୍ୟକ ତାହା ତ ଇନ୍ଦ୍ର ଦେବତା ବିବେଚନା କରନ୍ତି ନାହିଁ । ସେ ସ୍ୱର୍ଗରେ ରାଜପଦ ପାଇବାରୁ ଗର୍ବିତ ହୋଇ ମର୍ତ୍ତ୍ୟ ଲୋକଙ୍କ ଅବସ୍ଥା ଉପରେ ଦୃଷ୍ଟି କରନ୍ତି ନାହିଁ । କେତେବେଳେ ଏକାବେଳକେ ଏପ୍ରକାର ବହୁ ବୃଷ୍ଟି କରନ୍ତି ଯେ ପୃଥିବୀର ଅନ୍ତକାଳ ପ୍ରବେଶ ହେଲପରି ସର୍ବତ୍ର କେବଳ ଜଳମୟ ଦୃଶ୍ୟ ହୁଅଇ ଓ ତହିଁରେ ଫସଲ ତଥା କି ଗ୍ରାମକୁ ଗ୍ରାମ ଘର ଓ ମନୁଷ୍ୟ ସହିତ ନଷ୍ଟ ହୁଅଇ ପୁଣି ଏକ ଏକ ସମୟରେ ଅନାବୃଷ୍ଟିରୁ ମଧ୍ୟ ଉକ୍ତଫଳ ମାନ ଘଟିଥାଏ । ଏ ରୂପେ ଯେ ସ୍ଥଳେ ଇନ୍ଦ୍ରଙ୍କ ପାଳଣରେ ଲୋକଙ୍କର ପ୍ରତ୍ୟୟ ନାହିଁ ସେ ସ୍ଥଳେ ଲୌକିକ ଉପାୟ ଦ୍ୱାରା ଫସଲ ରକ୍ଷା କରିବାର ଯେ କି ପର୍ଯ୍ୟନ୍ତ ଆବଶ୍ୟକ ତାହା କହିହୋଇ ନପାରେ । ଇରିଗେସନ କମ୍ପାନି ଯେତେବେଳେ ଖାଲମାନ ନିର୍ମାଣ କରି ଉତ୍କଳ ଦେଶ ଅଧିକାଂଶ ଭୂମିରେ ଜଳସେଚନ କରିପାରିବେ ସେ ସମୟରେ ଯେ ତାହାଙ୍କର ଓ ଲୋକଙ୍କର ଅନେକ ଲାଭ ହେବ ଏହା ସ୍ପଷ୍ଟ ବୋଧ ହୋଇଅଛି ।

Digitized by srujanika@gmail.com